ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ୍, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଗୁରୁବାର ୧୪ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 14 OCTOBER 2021

Vol.No. 32 ■ No. 263 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019




ଯାଦେବୀ ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ॥

## ପୁଣି ଚିନ୍ତା ବଢାଇଲା କରୋନା ସଂକ୍ରମଣ

# ରେଡ୍ ଜୋନକୁ ଆସିଲା ଖୋର୍ଦ୍ଧା

ଭୁବନେଶ୍ୱର,୧୩/୧୦(ନି.ପ୍ର): ପୁଣି ରେଡ୍ ଜୋନକୁ ଆସିଲା ଖୋର୍ଦ୍ଧା ଜିଲ୍ଲା । ଆଜି ଖୋର୍ଦ୍ଧାରୁ ୩୨୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଏଠାରେ ସକ୍ରୀୟ ସଂକ୍ରମିତଙ୍କ ସଂଖ୍ୟା ୨ ହଜାର ୫୩୫କୁ ବୃଦ୍ଧି ପାଇଛି । ଫଳରେ ଖୋର୍ଦ୍ଧା ପୁଣି ରେଡ ଜୋନକୁ ଆସିଯାଇଛି । ଗତ ୩ ଦିନରେ ସ୍ଥିତି ଦେଖିଲେ ଖୋର୍ଦ୍ଧାରେ ସଂକ୍ରମଣ ଲଗାତାର ଭାବେ ବଢିଚାଲିଛି । ପୁଣି ଚିନ୍ତା ବଢାଇଲା କରୋନା ସଂକ୍ରମଣ । ରେଡ୍ ଜୋନକୁ ଆସିଲା ଖୋର୍ଦ୍ଧା । ବେଶ କିଛି ମାସର ବ୍ୟବଧାନ ପରେ ରାଜ୍ୟରେ ସଂକ୍ରମଣ ପ୍ଲାଟୋ ସ୍ଥିତିରେ ରହି ଅଳ୍ପ ମାତ୍ରାରେ ବଢିଛି । ୨୪ ଘଣ୍ଟା ଭିତରେ ରାଜ୍ୟରେ ୬୧୫ସଂକ୍ରମିତ ଚିହ୍ନଟ



ହୋଇଛନ୍ତି । ସଂକ୍ରମଣର ପାଖାପାଖି ୫୦ ପ୍ରତିଶତ ପଜିଟିଭ କେବଳ ଖୋର୍ଦ୍ଧାରୁ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ଆସିଥିବା ପଜିଟିଭ ଭିତରୁ କେବଳ ଖୋର୍ଦ୍ଧାରେ ୩୨୩ ଆକ୍ରାନ୍ତ ହୋଇଛନ୍ତି । ଆଉ ରେଡ୍ ଜୋନ୍ ଭିତରକୁ ଆସିଛି ଖୋର୍ଦ୍ଧା । ବର୍ତ୍ତମାନ ଖୋର୍ଦ୍ଧାରେ ସକ୍ରିୟ କେସ ରହିଛି ୨୫୩୫ । ଗତ ୩ ଦିନରେ ସ୍ଥିତି ଦେଖିଲେ ଖୋର୍ଦ୍ଧାରେ ସଂକ୍ରମଣ ଲଗାତାର ଭାବେ ବଢିଚାଲିଛି । ଭୁବନେଶ୍ୱରରେ ସଂକ୍ରମଣ ଉପରମୁହାଁ ରହୁଛି । ଦୈନିକ କେସ ପାଖାପାଖି ୧୫୦ରୁ ତିନିଶହ ପାଖାପାଖି ରହୁଛି । କରୋନା ଗ୍ରାଫ କମିବାର ▶▶ପୃଷ୍ଠା ୭

## ମନୀଷ ମୃତ୍ୟୁ ମାମଲାରେ ଖୋଲୁନି ରହସ୍ୟ

# ଆତ୍ମସମର୍ପଣ କଲେ ଦୁଇ ବନ୍ଧୁ

ଭୁବନେଶ୍ୱର,୧୩/୧୦(ନି.ପ୍ର): ମନୀଷ ମୃତ୍ୟୁ ମାମଲାରେ ତାଙ୍କ ଦୁଇ ଜଣ ସାଙ୍ଗ ଆଜି କନ୍ଧମାଳରେ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ସାମ୍ବାଦିକ ବି ଅଛନ୍ତି । ଏହି ଘଟଣା ଏବେବି ରହସ୍ୟ ଘେରରେ ଥିବାରୁ ସାଙ୍ଗ ମାନଙ୍କଠାରୁ ସମସ୍ତ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି । କାରଣ ସେହି ରାତିରେ ମନୀଷଙ୍କ ସହ କିଛି ସାଙ୍ଗ ଥିଲେ ଏବଂ ପରେ ମନୀଷଙ୍କର ମୃତଦେହ ମିଳିଥିଲା । ମନୀଷ ଅନୁରାଗଙ୍କ ମୃତ୍ୟୁ ଉପରୁ ହଟୁନି ପରଦା । ଦୁଇ ସାଙ୍ଗଙ୍କ ଆତ୍ମସମର୍ପଣ ପରେ ରହସ୍ୟ ବଢିଲା । ଭୁବନେଶ୍ୱରରେ ମୃତ୍ୟୁ ଘଟଣାର କନ୍ଧମାଳ ଲିଙ୍କ୍ । ମନୀଷଙ୍କ ସହ ▶▶ପୃଷ୍ଠା ୭


DADLS-25

"ପବିତ୍ର ବିଜୟା ଦଶମୀ – ୨୦୨୧"
ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟର ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତିର ପ୍ରତିଷ୍ଠା ଦିଗରେ ନିଷ୍ଠାପର କାର୍ଯ୍ୟ କରନ୍ତୁ ବୋଲି ମୁଁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଆବଶ୍ୟକ ସରକାରୀ ନିର୍ଦ୍ଦେଶ ଓ ପରାମର୍ଶ ପାଳନ ପୂର୍ବକ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)

OIPR : 15001/13/0049/2122


## କୋଟିଆରେ ପୁଣି ମୁହାଁମୁହିଁ ହେଲେ ଆନ୍ଧ୍ର ଅଧିକାରୀ ଓ ପଟାଙ୍ଗୀ ବିଧାୟକ

ଭୁବନେଶ୍ୱର,୧୩/୧୦(ନି.ପ୍ର): ପୁଣି କୋଟିଆରେ ମୁହାଁମୁହିଁ ହୋଇଛନ୍ତି ଆନ୍ଧ୍ର ଅଧିକାରୀ ଓ ପଟାଙ୍ଗୀ ବିଧାୟକ । ଓଡିଶାର ତମାମ ପ୍ରୟାସ ସତ୍ତ୍ୱେ କୋରାପୁଟର ସୀମାନ୍ତ ଗାଁରେ ଆନ୍ଧ୍ର ତାର ଷଡଯନ୍ତ୍ର ଚଳାଇଛି । ଆଜି ଆନ୍ଧ୍ର ପ୍ରଦେଶର କିଛି ସରକାରୀ ଅଧିକାରୀ ଫାଟୁସିନେରୀ ଗାଁରେ ଆଙ୍ଗନୱାଡି କେନ୍ଦ୍ର ପାଇଁ ଏକ ଜାଗା ଚିହ୍ନଟ କରିବାକୁ ଆସିଥିଲେ । ଏପରିକି ଗାଁ ଲୋକଙ୍କୁ ନେଇ ଭୋଜି ଭାତର ଆୟୋଜନ ମଧ୍ୟ ହୋଇଥିଲା । ଏନେଇ ଖବର ପାଇବା ପରେ ସେଠାରେ ପହଂଚି ଯାଇଥିଲେ ପଟାଙ୍ଗୀ ବିଧାୟକ ପ୍ରିତମ ପାଢୀ । ଫଳରେ ଉଭୟ ପକ୍ଷ ମଧ୍ୟରେ କିଛି ସମୟ ବଚସା ହୋଇଥିଲା । ପଟାଙ୍ଗୀ ବିଧାୟକ ଓ ଆନ୍ଧ୍ର ଅଧିକାରୀଙ୍କ ମଧ୍ୟରେ କଥା କଟାକଟି ପରେ ଶେଷରେ ଛତ୍ରଭଙ୍ଗ ଦେଇଛନ୍ତି ଆନ୍ଧ୍ର ସରକାରୀ ଅଧିକାରୀ ।

## ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଅସୁସ୍ଥ : ଏମ୍ସରେ ହେଲେ ଭର୍ତ୍ତି



ନୂଆଦିଲ୍ଲୀ,୧୩/୧୦: ପୁଣିଥରେ ଅସୁସ୍ଥ ହେଲେ ମନମୋହନ ସିଂ । ଦିଲ୍ଲୀ ଏମ୍ସରେ ଭର୍ତି ହେଲେ ପୂର୍ବତନ ପ୍ରଧାନମନ୍ତ୍ରୀ । କଂଗ୍ରେସର ସୂତ୍ରରୁ ମିଳିଥିବା ଖବର ଅନୁସାରେ ମନମୋହନ ସିଂ ଗତ କିଛିଦିନ ହେଲାଣି ଅସୁସ୍ଥ ଥିଲେ । ତେବେ ସେ ଏବେ ଦିଲ୍ଲୀ ଏମ୍ସର କାର୍ଡିଓଲୋଚି ବିଭାଗରେ ଚିକିତ୍ସା ପାଇଁ ଭର୍ତି ହୋଇଛନ୍ତି । ତେବେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କର ଜର ଏବଂ ଥକାପଣ ଅନୁଭବ କରୁଥିଲେ ବୋଲି ସୂଚନା ମିଳିଛି ଏବଂ ସେ ଛାତିରେ ସାମାନ୍ୟ ଯନ୍ତ୍ରଣା ଅନୁଭବ କରୁଥିଲେ । ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ଅଧିକ ସୂଚନା ମିଳିପାରିନାହିଁ । ଗତ କିଛିଦିନ ତଳେ ମଧ ୮୯ ବର୍ଷୀୟ ପୂର୍ବତନ ପ୍ରଧାନମନ୍ତ୍ରୀ ମେଡିକାଲରେ ଭର୍ତି ହୋଇଥିଲେ ।

## ସହିଦଙ୍କୁ ଶେଷ ସମ୍ମାନ : ପାର୍ଥିବ ଶରୀରକୁ କାନ୍ଧେଇଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂହ ଚନ୍ନି

ନୂଆଦିଲ୍ଲୀ,୧୩/୧୦: ଜାମ୍ମୁ-କାଶ୍ମୀର ସର୍ଚ୍ଚ ଅପରେସନ୍ ବେଳେ ସହିଦ ହୋଇଥିବା ବୀର ଯବାନଙ୍କ ବଳୀଦାନ କୁ ସାରା ଦେଶ ମନେ ରଖିବ । ଅକ୍ଟୋବର ୧୧ ତାରିଖରେ ପୁଂଚ ସେକ୍ଟରରେ ୫ ଜଣ ଯବାନ ଦେଶ ସୁରକ୍ଷା ଦେବା ସମୟରେ ଆତଙ୍କୀଙ୍କ ଗୁଳିର ▶▶ପୃଷ୍ଠା ୭

## ଲଖିମପୁର ହିଂସା: ରାଷ୍ଟ୍ରପତିଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ



ନୂଆଦିଲ୍ଲୀ,୧୩/୧୦: ଉତରପ୍ରଦେଶ ଲଖୀମପୁର ହିଂସାକୁ ନେଇ ରାଷ୍ଟ୍ରପତିଙ୍କୁ ଭେଟିଛି କଂଗ୍ରେସ ପ୍ରତିନିଧି ଦଳ । ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ୫ ଜଣିଆ ପ୍ରତିନିଧି ଦଳ ରାଷ୍ଟ୍ରପତି ଭବନରେ ରାମନାଥ କୋବିନ୍ଦଙ୍କୁ ଭେଟିଛି । ରାଷ୍ଟ୍ରପତିଙ୍କୁ ଭେଟି କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରଙ୍କ ଇସ୍ତଫା ଦାବି କରିଛି ଦଳ । ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିଲେ ରାହୁଲ ଗାନ୍ଧୀ । ଲଖିମପୁର ହିଂସାକାଣ୍ଡକୁ ନେଇ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର ୫ ଜଣିଆ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କୁ ଭେଟିଛି । ରାହୁଲ ଗାନ୍ଧୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ରାଜ୍ୟସଭାର ବିରୋଧିଦଳ ନେତା ମାଲିକାର୍ଜୁନା ଖଡଗେ, ବରିଷ୍ଠ ନେତା ଏ.କେ ଆଂଟୋନୀ ଏବଂ ଗୁଲାବ ନବି ଆଜାଦ୍ ରାଷ୍ଟ୍ରପତିଙ୍କୁ ଭେଟି କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରଙ୍କୁ ତାଙ୍କ ପଦରୁ ବହିଷ୍କାର ନେଇ ଦାବି କରିଛନ୍ତି । ▶▶ପୃଷ୍ଠା ୭

## ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା ସହ ବିଶ୍ୱବିଦ୍ୟାଳୟ ତାଲିକାରେ ଅନ୍ତର୍ଭୁକ୍ତ କରାଗଲା - ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୩/୧୦ (ନି.ପ୍ର): କଟକ ସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟକୁ ୟୁନିଭରସିଟି ଗ୍ରାଂଟ କମିସନ (ୟୁଜିସି) ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ସହ ବିଶ୍ୱବିଦ୍ୟାଳୟ ତାଲିକାରେ ଅନ୍ତର୍ଭୁକ୍ତ କରିଛି ବୋଲି ଟ୍ୱିଟ୍ କରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ କଟକ ସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟକୁ ୟୁଜିସି ଅଧିନିୟମ ୧୯୫୬, ଧାରା ୨(ଏଫ୍) ଅନୁଯାୟୀ ୟୁନିଭରସିଟି ଗ୍ରାଂଟ୍



କମିସନ (ୟୁଜିସି) ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ସହ ବିଶ୍ୱବିଦ୍ୟାଳୟ ତାଲିକାରେ ଅନ୍ତର୍ଭୁକ୍ତ କରିଛି । ୟୁଜିସି ଅଧିନିୟମ୧୯୫୬, ଧାରା ୧୨(ବି) ଅନୁସାରେ ଏହି ବିଶ୍ୱବିଦ୍ୟାଳୟ ଖୁବ ଶୀଘ୍ର କେନ୍ଦ୍ରୀୟ ଅନୁଦାନ ପାଇବ । ଏହା ନିଶ୍ଚିତ ଭାବରେ ଓଡ଼ିଶାର ଆଇନ ବିଦ୍ୟାର୍ଥୀଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ଜାତୀୟ ଶିକ୍ଷା ନୀତି ଅନୁସାରେ ଛାତ୍ରଛାତ୍ରୀଙ୍କୁ ନୂଆ ପରିଚୟ ଦେବ ଏବଂ ରାଜ୍ୟରେ ଆଇନ ଶିକ୍ଷାର ମାନ ବଢ଼ାଇବ ବୋଲି ଆଶା କରୁଛି । ଜାତୀୟ ଶିକ୍ଷା ନୀତି ଅନୁସାରେ କେନ୍ଦ୍ର ସରକାର ଉଚ୍ଚ ଶିକ୍ଷା ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଶ୍ରୁତି ବଦ୍ଧ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।


DADLS-25

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
ପୂଜା ଅଭିନନ୍ଦନ

ମାତୃଶକ୍ତି ଆରାଧନା ଆମ ସଂସ୍କୃତିର ଅନନ୍ୟ ବିଭବ । ଆଶ୍ୱିନରେ ମା'ଙ୍କର ଧରାବତରଣ ଚାରିଆଡ଼େ ଏକ ଆନନ୍ଦମୟ ପରିବେଶ ସୃଷ୍ଟି କରିଛି । ପାର୍ବଣର ମହାର୍ଘ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ଚଳିତବର୍ଷ ନିରାଡ଼ମ୍ବର ଭାବରେ ମା'ଙ୍କ ପୂଜା କରିବା ସହିତ ଭିଡ଼ ନ କରିବା, ଠିକ୍ ଭାବରେ ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ସାମାଜିକ ଦୂରତା ରକ୍ଷା କରିବା ଆଦି କୋଭିଡ୍ ନିୟମାବଳୀକୁ କଡ଼ାକଡ଼ି ଭାବରେ ପାଳନ କରିବା ପାଇଁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ।

ଦିବ୍ୟ ଜନନୀଙ୍କ ଆଗମନ ପ୍ରତି ପରିବାରରେ ଖୁସି ଓ ଆନନ୍ଦ ଭରି ଦେଉ, ଏତିକି ପ୍ରାର୍ଥନା ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0049/2122



DADLS-25

ଶାରଦୀୟ ଦୁର୍ଗାପୂଜା–୨୦୨୧
ଅବସରରେ ବାର୍ତ୍ତା

ପବିତ୍ର ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ରାଜ୍ୟବାସୀ ସମସ୍ତ ଭାଇଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଦୁର୍ଗତିନାଶିନୀ, ଶକ୍ତି ପ୍ରଦାୟିନୀ, ଜଗଜ୍ଜନନୀ ମା' ଦୁର୍ଗା ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରି ଦିଅନ୍ତୁ, ଏହା ହିଁ ମୁଁ କାମନା କରୁଛି ।

ସମ୍ପ୍ରତି କରୋନା ମହାମାରୀ ସମ୍ପୂର୍ଣ୍ଣ ରୂପେ ଦୂର ହୋଇନାହିଁ । ଏପରି ସ୍ଥଳେ ସରକାରଙ୍କ ତରଫରୁ ଜାରି କରାଯାଇଥିବା କୋଭିଡ୍ କଟକଣା ଅନୁପାଳନ ପୂର୍ବକ ଚଳିତ ବର୍ଷ ମା' ଦୁର୍ଗାଙ୍କର ଧରାବତରଣ ତଥା ଶାରଦୀୟ ଦୁର୍ଗାପୂଜା ଉତ୍ସବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

OIPR : 15001/13/0049/2122



ଶାରଦୀୟ ଅଭିନନ୍ଦନ

LM

Ph- 06782-267028
Mob- 099370-26428

Mahalaxmi jewellery

ଧନୀଠୁ ଗରିବ ସମସ୍ତଙ୍କ ପାଇଁ ଉପଲବ୍ଧ!

V N Marg, Front of Durga Nursing Home, Balasore-1
E: lmdrana@gmail.com W:www.mahalaxmijewellery.com


## ଆରୟନଙ୍କୁ ମିଳିଲାନି ଜାମିନ: ଆସନ୍ତା କାଲିକୁ ଘୁଞ୍ଚିଲା ଶୁଣାଣି

ନୂଆଦିଲ୍ଲୀ,୧୩/୧୦: ଡ୍ରଗ୍ସ ମାମଲାରେ ଗିରଫ ହୋଇଥିବା ବଲିଉଡ ଅଭିନେତା ଶାହରୁଖ ଖାନଙ୍କ ପୁଅ ଆରୟନ୍‌ଙ୍କୁ ଆଜି ଜାମିନ ମିଳିନାହିଁ । ଆରୟନଙ୍କ ଜାମିନ ଶୁଣାଣିକୁ ଆସନ୍ତାକାଲି ଯାଏଁ କୋର୍ଟ ଘୁଞ୍ଚାଇଦେଇଛନ୍ତି । ତେବେ ଆଜି ଆରୟନ୍ ଖାନଙ୍କ ଓକିଲ କୋର୍ଟଙ୍କୁ ଜାମିନ ଦେବାକୁ ନିବେଦନ କରିଥିଲେ ବି କୋର୍ଟ ଶୁଣାଣି କରିବାକୁ ମନା କରିଦେଇଥିଲେ । ଆରୟନ୍ ଖାନଙ୍କ ଓକିଲ କୋର୍ଟରେ କହିଥିଲେ ଯେ ତାଙ୍କଠାରୁ କିଛି ବି ଡ୍ରଗ୍ସ ମିଳିନାହିଁ । ଆରୟନ୍ ଖାନଙ୍କୁ ପ୍ରତୀକ ଗାବା ଡାକିଥିଲେ ଓ ତାଙ୍କୁ ଗିରଫ କରାଯାଇନାହିଁ । ଆରୟନ୍ ଖାନଙ୍କ ପାଖରେ ଟଙ୍କା ନଥିଲା ଓ ଅନ୍ୟ ଅଭିଯୁକ୍ତଙ୍କ ସହ ତାଙ୍କର କୌଣସି ସମ୍ପର୍କ ହିଁ ନାହିଁ । ତେବେ ଆରୟନ୍ ଖାନଙ୍କ ଜାମିନକୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ବିରୋଧ କରିଥିଲା । ଏନସିବି ▶▶ପୃଷ୍ଠା ୭

# ରାଜଧାନୀରେ ଅମାନିଆଙ୍କ ଲାଗି ବଢ଼ୁଛି ସଂକ୍ରମଣ



ଭୁବନେଶ୍ୱର,୧୩/୧୦ (ନି.ପ୍ର): ରାଜଧାନୀବାସୀ କରୋନା କଟକଣା ମାନୁ ନ ଥିବାରୁ ପଜିଟିଭ ସଂଖ୍ୟା ବଢ଼ୁଛି। ଯାହା ଉଦବେଗଜନକ। ଯଦି ଆଗକୁ ଅଧିକ ପଜିଟିଭ ବଢ଼େ, ତାହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ସଂକ୍ରମଣରୁ ରକ୍ଷା ପାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କରିଥିବା ଗାଇଡଲାଇନ ମାନନ୍ତୁ ଓ ସତର୍କ ରୁହନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧା ଓ କଟକ ଜିଲ୍ଲାକୁ ଅଧିକ ଲୋକ ଆସୁଥିବାରୁ ସଂକ୍ରମଣ ସାମାନ୍ୟ ବୃଦ୍ଧି ପାଇଛି ବୋଲି ଡିଏମ୍ଇଟି ସିବି କେ ମହାନ୍ତି ସୂଚନା ଦେଇଛନ୍ତି। ଡିଏମ୍ଇଟି କହିଛନ୍ତି, ଖୋର୍ଦ୍ଧା ଜିଲ୍ଲାରେ ଦୈନିକ ସଂକ୍ରମଣ ଏବେ ସାମାନ୍ୟ ବଢ଼ି ୪୦୦ରୁ ୬୦୦ ଭିତରେ ରହୁଛି। ଟେଷ୍ଟ ପଜିଟିଭିଟି ରେଟ୍ ଏବଂ ଆକ୍ଟିଭ କେସକୁ ଦେଖି ଖୋର୍ଦ୍ଧା ଜିଲ୍ଲାକୁ ରେଡ୍ ଜୋନ୍ କରାଯାଇଛି। ଯାହାଫଳରେ ଆମେ ସେହି ଜିଲ୍ଲାକୁ ଅଧିକ ଫୋକସ କରିପାରିବୁ। ଏଥିସହ ସେ କହିଛନ୍ତି, କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ ଲୋକମାନଙ୍କୁ ସବୁବେଳେ ସଚେତନ ରହିବାକୁ ହେବ। ସଚେତନ ରହିଲ ହିଁ କରୋନା ସଂକ୍ରମଣକୁ ରୋକିହେବ। ଅକ୍ଟୋବର ୭ ତାରିଖରେ ରାଜ୍ୟରେ ୫୮୨ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ଜିଲ୍ଲାରେ ଥିଲେ ୨୮୨ ଜଣ, ଆଉ ଏଥିମଧ୍ୟରୁ ରାଜଧାନୀ ଭୁବନେଶ୍ୱରୁ ବାହାରିଥିଲେ ୨୬୭ ଜଣ। ସେହିପରି ୮ ତାରିଖରେ ରାଜ୍ୟରେ ୫୨୪ ସଂକ୍ରମିତଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରେ ୨୫୦ ଜଣ ଏବଂ ଭୁବନେଶ୍ୱରରୁ ୨୩୩। ୯ ତାରିଖରେ ରାଜ୍ୟର ୫୨୬ ନୂଆ ରୋଗୀଙ୍କ ମଧ୍ୟରୁ ଖୋର୍ଦ୍ଧାରେ ୨୩୩, ରାଜଧାନୀର ସଂଖ୍ୟା ଥିଲା ୨୧୬। ୧୦ ତାରିଖରେ ରାଜ୍ୟରେ ୬୫୨ ସଂକ୍ରମିତଙ୍କ ମଧ୍ୟରୁ ଖୋର୍ଦ୍ଧାରେ ୩୩୧, ଭୁବନେଶ୍ୱରରୁ ୧୫୯ଜଣ ଚିହ୍ନଟ ହୋଇଥିଲେ। ୧୧ ତାରିଖରେ ୪୪୮ ସଂକ୍ରମିତ ହୋଇଥିବା ବେଳେ ଖୋର୍ଦ୍ଧାରେ ୨୦୮, ଭୁବନେଶ୍ୱରରୁ ୧୫୯, ୧୨ ତାରିଖରେ ରାଜ୍ୟରେ ୫୨୯ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେଖୋର୍ଦ୍ଧାରେ ୨୭୪, ଭୁବନେଶ୍ୱରରୁ ୨୩୪, ୧୩ ତାରିଖରେ ରାଜ୍ୟରେ ୬୧୫ ସଂକ୍ରମିତ ହୋଇଥିବା ବେଳେ ଖୋର୍ଦ୍ଧାରେ ୩୨୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ୧୦ ମାସ ବିତିଲା: ଏଠି ଜଳସମ୍ପଦ ବିଭାଗକୁ ମିଳୁନି ପୁଲିସ ସୁରକ୍ଷା, ସାଧାରଣ ଲୋକଙ୍କୁ ପଚାରେ କିଏ ?



ଭୁବନେଶ୍ୱର,୧୩/୧୦ (ନି.ପ୍ର): ରାଜ୍ୟର ସରକାରୀ ସମ୍ପତ୍ତିର ସୁରକ୍ଷା ପାଇଁ ଦୀର୍ଘ ୧୦ ମାସ ହେଲା ରାଜ୍ୟ ଜଳସମ୍ପଦ ବିଭାଗ ଲିଖିତ ଭାବେ ଅନୁରୋଧ କରିଥିଲେ ବି ଗୃହ ବିଭାଗ ଏଥିପ୍ରତି ସାମାନ୍ୟତମ ଗୁରୁତ୍ୱ ଦେଉନି। ଯଦିଓ ପ୍ରମୁଖ ସରକାରୀ ସମ୍ପତ୍ତିର ସୁରକ୍ଷା ଓ ନିରାପତ୍ତା ପାଇଁ ପୁଲିସ ଓ ଶିଳ୍ପ ନିରାପତ୍ତା ବାହିନୀ ରହିଛନ୍ତି। ତଥାପି ୧୦ମାସ ଧରି ଜଳସମ୍ପଦ ବିଭାଗର ଅନୁରୋଧ ଉପରେ ଗୃହ ବିଭାଗ କୌଣସି ନିଷ୍ପତ୍ତି ନେବା ତ ଦୂରର କଥା ସୌଜନ୍ୟ ଦୃଷ୍ଟିରୁ ଚିଠିର ଉତ୍ତର ମଧ ଦେଇନାହିଁ । ଗୋଟିଏ ସରକାରୀ ବିଭାଗର ଅନୁରୋଧକୁ ଡଷ୍ଟବିନକୁ ଫିଙ୍ଗି ଦେଇଥିବା ଗୃହ ବିଭାଗ ରାଜ୍ୟର ସାଧାରଣ ଲୋକଙ୍କ ଅଭିଯୋଗ ଉପରେ କିଭଳି ଆଚରଣ କରୁଥିବ ତାହା ଏଥିରୁ ଜଳଜଳ ହୋଇ ଜଣାପଡୁଛି। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ବିରୋଧୀ ଦଳ ନିୟମିତ ଭାବେ ସରକାରଙ୍କୁ ସମାଲୋଚନା କରୁଛନ୍ତି । କିନ୍ତୁ ଗୋଟିଏ ସରକାରୀ ବିଭାଗ, ପୁଣି ସରକାରୀ ସମ୍ପତ୍ତି(ଆନନ୍ଦପୁର ବ୍ୟାରେଜ)ର ସୁରକ୍ଷା ନିମନ୍ତେ ପୁଲିସ କିମ୍ବା ନିରାପତ୍ତା ରକ୍ଷୀ ଯୋଗାଇ ଦେବାକୁ ଗୃହ ବିଭାଗକୁ ୨୦୨୧ ଜାନୁୟାରୀ ୮ତାରିଖରୁ ଚିଠି ଲେଖିଛି, ଆଉ ଏହି ଅନୁରୋଧ ଉପରେ ଗୃହ ବିଭାଗ ପଦକ୍ଷେପ ନେବା ତ ଦୂରର କଥା । ସାଧାରଣ ସୌଜନ୍ୟ ରକ୍ଷା କରି ଜଳସମ୍ପଦ ବିଭାଗକୁ ପ୍ରତ୍ୟୁତର ବି ଦେଇନାହିଁ। ସୂଚନା ଅନୁସାରେ, ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ପଟ୍ଟନାୟକ ଗତ ୨୦୨୧ ଜାନୁୟାରୀ ୮ତାରିଖରେ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲାଙ୍କୁ ଚିଠି ଲେଖି କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଥିବା ସମ୍ପର୍କରେ ଅବଗତ କରାଇଥିଲେ । ସେଠାରେ ମୂଲ୍ୟବାନ ଇଲେକ୍ଟ୍ରିକ ମୋଟର ସହ ଗେଟ୍ ଓ ଅନ୍ୟାନ୍ୟ ଇଲେକ୍ଟ୍ରିକାଲ ଉପକରଣ ରହିଛି, ଯାହାର ମୂଲ୍ୟ ବହୁ ଅଧିକ। ସେହି ବାଟ ଦେଇ ସାଧାରଣ ଲୋକ ଯାଉଥିବାରୁ ଏସବୁ ସାମଗ୍ରୀ ଚୋରି ହେବାର ଆଶଙ୍କା ରହିଛି। ସେହି ପ୍ରକଳ୍ପ ସ୍ଥାନରେ ୨୪ଘଣ୍ଟିଆ ଜଗିବା ନିମନ୍ତେ ବିଭାଗ ପାଖରେ କର୍ମଚାରୀ ନାହାନ୍ତି । ପ୍ରକଳ୍ପ ପାଇଁ କର୍ମଚାରୀଙ୍କର ଅଭାବ ମଧ ରହିଛି । ତେଣୁ ବ୍ୟାରେଜର ସୁରକ୍ଷା ସହ ସରକାରୀ ସମ୍ପତ୍ତିର ସୁରକ୍ଷା ନିମନ୍ତେ ଓଡ଼ିଶା ଶିଳ୍ପ ନିରାପତ୍ତା ବାହିନୀ(ଓଆଇଏସଏଫ)ର ନିରାପତ୍ତା ରକ୍ଷୀଙ୍କୁ ସେଠାରେ ମୁତୟନ କରିବାକୁ ଜଳସମ୍ପଦ ବିଭାଗ ଅନୁରୋଧ କରିଥିଲା । ଏପରିକି ଆବଶ୍ୟକ ସଂଖ୍ୟକ ନିରାପତ୍ତାରକ୍ଷୀଙ୍କ ମୁତୟନ ବାବଦରେ ଯାହା ଅର୍ଥ ଖର୍ଚ୍ଚ ହେବ ତାକୁ ଜଳସମ୍ପଦ ବିଭାଗ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପରୁ ଭରଣା କରିବ ବୋଲି ଲିଖିତ ଭାବେ ଜଣାଇଥିଲା। କିନ୍ତୁ ଗୃହ ବିଭାଗ ଏହି ଚିଠି ଉପରେ ସାମାନ୍ୟତମ ଗୁରୁତ୍ୱ ଦେଇନଥିଲା । ୧୦ମାସ ଧରି ଗୃହ ବିଭାଗର ନିରବତା ପରେ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ପଟ୍ଟନାୟକ ପୁଣିଥରେ ଅକ୍ଟୋବର ୭ତାରିଖରେ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲାଙ୍କୁ ଗତ ଜାନୁୟାରୀରେ ସେ ଲେଖିଥିବା ଚିଠି ସମ୍ପର୍କରେ ଅବଗତ ଜଣାଇଛନ୍ତି। ଏପରିକି ବିଭାଗକୁ ଆଜି ସୁଦ୍ଧା କୌଣସି ଉତ୍ତର ମଧ ମିଳିଲା ନାହିଁ । ତେଣୁ ଏହି ଘଟଣାକୁ ପ୍ରାଥମିକତା ସହ ବିଚାରକୁ ନେବାକୁ ସେ ପୁଣି ଥରେ ଅନୁରୋଧ କରିଛନ୍ତି। ପ୍ରଶ୍ନ ଉଠୁଛି, ଯେଉଁଠି ସରକାରୀ ସମ୍ପତ୍ତିର ସୁରକ୍ଷା ପାଇଁ ସରକାରୀ ବିଭାଗର କଥାକୁ ଗୃହ ବିଭାଗ ଭୃକ୍ଷେପ କରୁନି, ସେଠାରେ ସାଧାରଣ ଲୋକଙ୍କ ଅଭିଯୋଗ ଉପରେ କେତେ ତତ୍ପରତା ଦେଖାଉଥିବ ତାହା ଜଳଜଳ ହୋଇ ଜଣାପଡୁଛି । ଯଦିଓ ଗୃହ ବିଭାଗ ଦାୟିତ୍ୱରେ ମୁଖ୍ୟମନ୍ତ୍ରୀ ଓ ଜଣେ ରାଷ୍ଟ୍ରମନ୍ତ୍ରୀ ରହିଛନ୍ତି, ତଥାପି ଗୃହ ବିଭାଗ ଏବେବି ବ୍ରିଟିଶ ଶାସନ ଶୈଳୀରେ ପରିଚାଳିତ ହେଉଥିବା ଚର୍ଚ୍ଚା ହେଉଛି।

# କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କୁ ଅସହଯୋଗର ଚେତାବନୀ ଦେଲା ଓଏଏସ୍ ସଂଘ



ଭୁବନେଶ୍ୱର(ଓଡ଼ିଶା ରିପୋର୍ଟର): କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ଆଚରଣକୁ ନିନ୍ଦା କରିବା ସହ କଳାବ୍ୟାଜ୍ ପିନ୍ଧି ଓଡ଼ିଶା ପ୍ରଶାସନିକ ସେବା ସଂଘ(ଓଏଏସ) ପ୍ରତିବାଦ ଜଣାଇଛି। ଏହାସହିତ ଭବିଷ୍ୟତରେ କେନ୍ଦ୍ରମନ୍ତ୍ରୀଙ୍କୁ ସହଯୋଗ କରାଯିବ ନାହିଁ ବୋଲି ଓଏଏସ୍ ସଂଘ ଚେତାବନୀ ଦେଇଛି।

ଓଏଏସ ସଂଘ ପକ୍ଷରୁ ଆଜି ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା ଓ କଳା ବ୍ୟାଜ୍ ପିନ୍ଧି ସମସ୍ତେ ପ୍ରତିବାଦ କରିବାକୁ ନିଷ୍ପତ୍ତି ହୋଇଛି। କେନ୍ଦ୍ରମନ୍ତ୍ରୀଙ୍କ ଆଚରଣକୁ ନିନ୍ଦା କରି ଏକ ସର୍ବସମ୍ମତ ପ୍ରସ୍ତାବ ମଧ ପାରିତ ହୋଇଛି। ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ମୟୂରଭଞ୍ଜ ଓଏଏସ୍ ସଂଘ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଅକ୍ଟୋବର ୯ତାରିଖରେ ଆମର ଏଡିଏମକୁ ଦୁର୍ବ୍ୟବହାର କରିବା ବିରୁଦ୍ଧରେ ପ୍ରତିବାଦ ଜଣାଉଛୁ। କେନ୍ଦ୍ରମନ୍ତ୍ରୀ ମଧ ବିନା କାରଣରେ ଜିଲ୍ଲାପାଳଙ୍କୁ ଖରାପ ଆଚରଣ କରିବାକୁ ପଛାଇ ନାହାନ୍ତି। କେନ୍ଦ୍ରମନ୍ତ୍ରୀ ଯେଭଳି ଭାଷା ପ୍ରୟୋଗ କରିଛନ୍ତି ତାକୁ ଦୃଢ଼ ଭାବେ ନିନ୍ଦା କରୁଛୁ। ସେହିପରି ଓଏଏସ ସଂଘ ସଭାପତି ସରୋଜ ସାମଲ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁଙ୍କ ଅଶାଳୀନ ଆଚରଣ ସମ୍ପର୍କରେ ଅବଗତ କରାଯିବ। ମନ୍ତ୍ରୀଙ୍କ ଆଚରଣକୁ ଓଏଏସ ସଂଘ ନିନ୍ଦା କରିବା ସହ ଭବିଷ୍ୟତରେ ତାଙ୍କର କାର୍ଯ୍ୟକ୍ରମକୁ ବର୍ଜନ କରାଯିବ। ସୂଚନାଯୋଗ୍ୟ, କେନ୍ଦ୍ର ମନ୍ତ୍ରୀ ଶ୍ରୀ ଟୁଡୁ ଗତ କିଛିଦିନ ତଳେ ଚମ୍ପୁଆ ଉପଜିଲ୍ଲାପାଳ ଓ ଜଣେ ଯନ୍ତ୍ରୀ, ରାଇରଙ୍ଗପୁର ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ କୁଚିଣ୍ଡାରେ ସମୀକ୍ଷା ବୈଠକରେ ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଅଶାଳୀନ ଭାଷା ପ୍ରୟୋଗ କରିଥିଲେ, ଯାହାକୁ ବିରୋଧ କରି ଓଏଏସ୍ ସଂଘ ଏଭଳି ପ୍ରତିବାଦ ଜଣାଇଛି।

# 'ନିମନ୍ତ୍ରଣ'ରେ ସ୍ପେଶାଲ ବ୍ୟଞ୍ଜନ: ଦଶହରାରେ ଓଟିଡିସିର ପିଠା ଅନ୍ ହ୍ୱିଲ୍

ଭୁବନେଶ୍ୱର,୧୩/୧୦ (ନି.ପ୍ର): ଦୁର୍ଗା ପୂଜା ଅବସରରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଦ୍ୱାରା ରାଜ୍ୟର ବିଭିନ୍ନ ସହରରେ ପାରମ୍ପରିକ ସୁସ୍ୱାଦୁ ଓଡ଼ିଆ ପିଠା ଯୋଗାଇ ଦିଆଯିବ। ଦଶହରାକୁ ଦୃଷ୍ଟିରେ ରଖି ଆଜିଠୁ ଅର୍ଥାତ୍ ୧୨ ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ଏହି ପିଠା ରାଜଧାନୀ ଭୁବନେଶ୍ୱର ସମେତ କଟକ, ସମ୍ବଲପୁରର ବିଭିନ୍ନ ସ୍ଥାନରେ କାଉଣ୍ଟର ଓ 'ପିଠା ଅନ୍ ହ୍ୱିଲ' ମାଧ୍ୟମରେ ଉପଲବ୍ଧ ହେଉଛି। ଓଟିଡିସି ପରିଚାଳିତ 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟରେ ମଧ ଦଶହରା ପୂଜା ପାଇଁ ସ୍ପେସାଲ ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତ ହୋଇଛି। ଆଜି ଭୁବନେଶ୍ୱରସ୍ଥିତ ପାନ୍ଥନିବାସ ପରିସରରେ ଏହି କାର୍ଯ୍ୟକ୍ରମକୁ ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର ଉଦ୍‌ଘାଟନ କରିଛନ୍ତି। ପାନ୍ଥନିବାସ କର୍ମଚାରୀ ଓ ମିସନ ଶକ୍ତିର ମା'ମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହାଇଜେନିକ୍ ପକ୍ରିୟାରେ ହାତ ତିଆରି ପ୍ରସ୍ତୁତ ଏହି ଓଡ଼ିଆ ସୁସ୍ୱାଦୁ ବିଭିନ୍ନ ପିଠା ଗତବର୍ଷ ଭଳି ଚଳିତବର୍ଷ ମଧ ଲୋକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଶ୍ରୀମତୀ ମିଶ୍ର ଆଶାବ୍ୟକ୍ତ କରିଛନ୍ତି। ଓଟିଡିସି ପରିଚାଳନା ନିର୍ଦ୍ଦେଶକ ତଥା ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ କହିଥିଲେ ଯେ, କୋଭିଡ୍ ଗାଇଡଲାଇନ୍ ଓ କଟକଣା ଭିତରେ ଏହି ପିଠା ପ୍ରସ୍ତୁତ ସହ ଲୋକମାନଙ୍କ ନିକଟରେ ପହଞ୍ଚାଇବାର ବ୍ୟବସ୍ଥା ହୋଇଛି। ଓଟିଡିସି ଦ୍ୱାରା ରଜ ମହୋତ୍ସବ ସମୟରେ 'ପିଠା ଅନ୍ ହ୍ୱିଲ' କାର୍ଯ୍ୟକ୍ରମ ମାଧ୍ୟମରେ ପିଠା ବିକ୍ରିକୁ ଲୋକେ ବେଶ୍ ପସନ୍ଦ କରିଥିଲେ। ପିଠା ବିକ୍ରିର ସଫଳତା ଓ ଲୋକମାନଙ୍କ ଅନୁରୋଧକୁ ଦୃଷ୍ଟିରେ ରଖି ଓଟିଡିସି ପ୍ରଥମଥର ପାଇଁ ଦଶହରାରେ ବି ପିଠା ବିକ୍ରି କରିବାକୁ ନିଷ୍ପତ୍ତି ନେଇଛି। ଭୁବନେଶ୍ୱର, କଟକ ଓ ସମ୍ବଲପୁର ପାନ୍ଥନିବାସ ସମେତ ଭୁବନେଶ୍ୱର ନିମନ୍ତ୍ରଣ ରେଷ୍ଟୁରାଣ୍ଟ, କଟକର ସିଲିଭରସିଟି ବୋଟ୍ କ୍ଲବରେ ସ୍ୱତନ୍ତ୍ର କାଉଣ୍ଟରମାନ ଖୋଲାଯାଇ ଏହି ପିଠା ବିକ୍ରି ଆଜିଠୁ ଆରମ୍ଭ ହୋଇଛି। ଏହାସହିତ ପୂର୍ବାହ୍ନରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ଓ ଅପରାହ୍ନରେ ପଟିଆ ଛକଠାରେ ଏବଂ କଟକର ସିଲିଭରସିଟି ବୋଟ କ୍ଲବ ଓ ସିଡିଏ ଠାରେ 'ପିଠା ଅନ୍ ହ୍ୱିଲ' ମାଧ୍ୟମରେ ବି ପିଠା ଯୋଗାଇ ଦିଆଯିବ। ଓଟିଡିସି ଜେନେରାଲ ମ୍ୟାନେଜର ଶାନ୍ତନୁ ମହାନ୍ତି କହିଥିଲେ ଯେ, ଦଶହରା ପୂଜାର ୪ଦିନ ଆରିଷା, କାକରା, ଭଜା ମଣ୍ଡା, ସିଝା ମଣ୍ଡା, କ୍ଷୀରଗଜା, ଲବଙ୍ଗଲତା, ଛେନାପୋଡ଼, ପୋଡ଼ ପିଠା ପ୍ରସ୍ତୁତ କରି ବିକ୍ରି କରାଯିବ। ଓଟିଡିସିର ନିଜସ୍ୱ ରେଷ୍ଟୁରାଣ୍ଟ 'ନିମନ୍ତ୍ରଣ'ରେ ମଧ ଦଶହରା ପାଇଁ ବିଭିନ୍ନ ପ୍ରକାରର ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତ ହେଉଛି। ନିମନ୍ତ୍ରଣରେ 'ପିଠା' ମଧ ଉପଲବ୍ଧ ହେବ। ପିଠା ସହିତ ବୁଟ ଡାଲି ବରା ଓ ପାତାଳଘଣ୍ଟା ଚଟନି, ନିମନ୍ତ୍ରଣ ଚିକେନ କୋସ୍ତା ପୋଡ଼ା, ନିମନ୍ତ୍ରଣ ମସରୁମ୍ କୋସ୍ତା ପୋଡ଼ା, ମଟନ କୋସ୍ତା, ସୋରିଷ ବଟା ଫିସ୍ ଫିଙ୍ଗର, ପତ୍ର ପୋଡ଼ା ମସରୁମ୍, ପ୍ରନ୍ ଛେଚା, ବାଲି ପ୍ରନ୍, କାକରା-ଘୁଗୁନି, ପାମ୍ପଡ଼ି ଚାଟ୍, ବରା- ଘୁଗୁନି, ଦହିବରା ଆଦି ସ୍ପେସାଲ ବ୍ୟଞ୍ଜନ ଏସବୁ କାଉଣ୍ଟରରେ ଉପଲବ୍ଧ ହେବ।

# ଫୁଲଚାଷକୁ ବରବାଦ କଲା କରୋନା: ଏବର୍ଷ ପାର୍ବଣ ଭରସା

ଭୁବନେଶ୍ୱର,୧୩/୧୦ (ନି.ପ୍ର): ରାଜ୍ୟରେ ଫୁଲଚାଷକୁ ବରବାଦ କରିଦେଲା କରୋନା। ବିବାହ, ବ୍ରତ ଆଦି ସାମାଜିକ କାର୍ଯ୍ୟକ୍ରମ ଏବଂ ଧର୍ମାନୁଷ୍ଠାନ ବନ୍ଦ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଦଶହରା ସହିତ ମୁଖ୍ୟତଃ ଦୀପାବଳିରେ ଚାଷୀ କିଛି ଫୁଲ ବିକ୍ରି କରିବ ବୋଲି ଆଶା କରି ବସିଛନ୍ତି ଫୁଲଚାଷୀ। କିନ୍ତୁ କୋଲକାତା, ବାଙ୍ଗାଲୋର ଫୁଲ ରାଜ୍ୟ ଫୁଲ ବଜାରକୁ କବ୍‌ଜା କରିଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଅନ୍ୟପକ୍ଷରେ ଫୁଲ ଚାଷ ପାଇଁ ଚାରା ଏବଂ ଅର୍ଥର ସଙ୍କଟ ରହିଛି। ଏଥିପ୍ରତି ସରକାର ଦୃଷ୍ଟି ଦେଲେ ଫୁଲ ଚାଷ ଏବଂ ଚାଷୀଙ୍କ ବିକାଶ ହୋଇ ପାରିବ ବୋଲି ଫୁଲଚାଷୀମାନେ ମତ ଦେଉଛନ୍ତି। କୃଷି ବିଭାଗର ସୂଚନା ଅନୁସାରେ, ଚଳିତ ବର୍ଷ ରାଜ୍ୟରେ ୬୫୦୦ ହେକ୍ଟର ଜମିରେ ଫୁଲଚାଷ ହେଉଛି। ଯାହାକି ତିନି ବର୍ଷ ମଧ୍ୟରେ ସର୍ବନିମ୍ନ। ପୁରୀ, କଟକ, ଖୋର୍ଦ୍ଧା, ସମ୍ବଲପୁର, ଜଗତସିଂହପୁର, ଗଂଜାମ, ଦେବଗଡ଼ରେ ମୁଖ୍ୟତଃ ଗେଣ୍ଡୁ ଫୁଲ ଚାଷ ପାଇଁ ଆଗ୍ରହ ଅଧିକ ରହିଥାଏ। ଏଥିସହିତ ଗୋଲାପ, ରଜନୀଗନ୍ଧା, ସେବତି ଫୁଲ ଚାଷ ହେଉଥିବାବେଳେ ଦକ୍ଷିଣ ଓଡ଼ିଶାରେ ଚାଷୀମାନେ ଇଡିମାଳା ଚାଷ କରିଥାନ୍ତେ। ଏକ ଆକଳନ ଅନୁସାରେ, ରାଜ୍ୟରେ ପ୍ରାୟ ୨୦୦ କୋଟି ଟଙ୍କାର ଫୁଲ କାରବାର ହୁଏ। ଏହିସବୁ ଫୁଲ ରାଜ୍ୟ ମଧ୍ୟରେ ବିକ୍ରି ହେବା ସହିତ ପ୍ରାୟ ୭ରୁ୮ ବର୍ଷ ହେଲା ଅର୍କିଡ୍ ଭଳି କିଛି ଫୁଲ ବାଙ୍ଗାଲୋର, ମୁମ୍ବାଇ ସମେତ ବଡ଼ ସହରକୁ ରପ୍ତାନି କରାଯାଉଥିଲା। କିନ୍ତୁ କରୋନା ଫୁଲଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। କୃଷି ବିଶେଷଜ୍ଞଙ୍କ କହିବା ଅନୁସାରେ, ରାଜ୍ୟରେ ଫୁଲଚାଷ ଆଶାନୁରୂପ ସଫଳତା ପାଇ ନାହିଁ। ପଶ୍ଚିମବଙ୍ଗ ଭଳି ପାଣିର ସୁବିଧା ଏଠାରେ ଥିଲେ ମଧ ବର୍ଷତମାମ ଫୁଲ ଚାଷ କରାଯାଏ ନାହିଁ। ମୁଖ୍ୟତଃ ଧାନ ପରେ କିଛି ସମୟ ପାଇଁ ଫୁଲ ଚାଷ ହୁଏ। ସେହି ସମୟ ବେଳକୁ ରାଜ୍ୟର ବଜାରକୁ ଖଡ଼ଗପୁରର ଫୁଲ କବ୍?ଜା କରି ନେଇଥାଏ। ସ୍ଥାନୀୟ ଚାଷୀମାନେ ସ୍ୱଳ୍ପ ମୂଲ୍ୟରେ ବ୍ୟବସାୟୀଙ୍କୁ ଫୁଲ ବିକ୍ରିକରି କ୍ଷତିଗ୍ରସ୍ତ ହୁଅନ୍ତି। ବର୍ଷତମାମ ଫୁଲ ଚାଷ କରାଗଲେ ବ୍ୟବସାୟୀ ଏବଂ ଚାଷୀଙ୍କ ମଧ୍ୟରେ ସମନ୍ୱୟ ରହନ୍ତା ଏବଂ ଉଭୟ ଲାଭବାନ ହୁଅନ୍ତେ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ଚାଷୀଙ୍କ କହିବା ଅନୁସାରେ; ଧାନ ବିକ୍ରିର ଯେଉଁଭଳି ପ୍ରାପ୍ୟ ପାଇବାରେ ନିଶ୍ଚିତତା ରହିଛି, ଫୁଲରେ ନାହିଁ। ଦ୍ୱିତୀୟତଃ ରଜନୀଗନ୍ଧା ଚାଷ ପାଇଁ ୬ ବର୍ଷ ଏବଂ ଗୋଲାପ ପାଇଁ ୭ରୁ୮ ବର୍ଷ ଅପେକ୍ଷା କରିବାକୁ ପଡୁଥିବାରୁ ଏଠାରେ ଚାଷୀଙ୍କ ସେହିଭଳି ସମ୍ବଳ ନାହିଁ। ଏହା ସତ୍ତ୍ୱେ ୮ ବର୍ଷ ହେଲା ଜାତୀୟ ଉଦ୍ୟାନ ମିସନ ଅନ୍ତର୍ଗତରେ ସରକାରଙ୍କ ସହାୟତାରେ ଫ୍ଲୋରି କଲଚର ପ୍ରକଳ୍ପ ଆରମ୍ଭ ହୋଇଛି। ଏଥିରେ ଅନେକ ଚାଷୀ ସାମିଲ ହୋଇଛନ୍ତି। ବ୍ରହ୍ମପୁରର ଚାଷୀ ଶ୍ରୀଧର ବର୍ମା କହନ୍ତି; ସରକାରୀ ସହାୟତାରେ 'ପ୍ରୋଟେକ୍ଟେଡ୍ ଫ୍ଲୋରି କଲଚର' ଯୋଜନାରେ ୨୫ଜଣ ଚାଷୀ ମିଳିତ ଭାବରେ ୧ ଲକ୍ଷ ବର୍ଗ ମିଟରରେ ଗୋଲାପ, ଜାରବେରା ଓ ଅର୍କିଡ୍ ଚାଷ କରୁଥିଲେ। ଖୋଲାରେ ପ୍ରାୟ ୩୦୦ ଏକର ଜମିରେ ୫୦୦ରୁ ଅଧିକ ଚାଷୀ ରଜନୀଗନ୍ଧା, ଗେଣ୍ଡୁ, ଗୋଲାପ, ମଲ୍ଲି, ସେବତି ସମେତ ବିଭିନ୍ନ ପ୍ରକାର ଫୁଲ ଚାଷ କରୁଥିଲେ ଏବଂ ଲାଭ ବି ମିଳୁଥିଲା। ୨୦୧୩ ମସିହାରୁ ୮ ଥର ବାତ୍ୟା ସମ୍ମୁଖୀନ ହୋଇ ଗଞ୍ଜାମ ଫୁଲଚାଷ କ୍ଷତିଗ୍ରସ୍ତ ହୋଇଥିଲେ ବି ଚାଷୀ ପୁଣି ଛିଡ଼ା ହେବାକୁ ସକ୍ଷମ ହେଉଥିଲା। କିନ୍ତୁ କୋଭିଡ୍ ପରେ ଛିଡ଼ା ହେବା ପାଇଁ ଆଉ ସାହସ ନାହିଁ। ପୂର୍ବରୁ ଯେଉଁ କ୍ଷତି ହୋଇନଥିଲା, ଚଳିତ ବର୍ଷ ତାହା ହୋଇଛି।

# କେନ୍ଦ୍ର ସରକାରଙ୍କ ଗାଇଡଲାଇନ ଓ ଟିକା ଆସିଲେ ୨ରୁ ୧୮ବର୍ଷ ପିଲାଙ୍କୁ ଟିକା ଦିଆଯିବ: ବିଜୟ ମହାପାତ୍ର




ଭୁବନେଶ୍ୱର,୧୩/୧୦ (ନି.ପ୍ର): ଗତକାଲି ୨ରୁ ୧୮ ବର୍ଷ ବୟସ ବର୍ଗର ପିଲାଙ୍କୁ ଭାରତ ବାୟୋଟେକ ଦ୍ୱାରା ପ୍ରସ୍ତୁତ କୋଭାକ୍ସିନ ଟିକାକୁ ବିଶେଷଜ୍ଞ କମିଟି ମଂଜୁରି ଦେଇଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଦ୍ୱାରା ଗଠିତ ଟିକା ବିଶେଷଜ୍ଞ କମିଟି ପିଲାଙ୍କ ପାଇଁ କୋଭାକ୍ସିନକୁ ନିରାପଦ ଦର୍ଶାଇବା ସହ ଏହାକୁ ମଞ୍ଜୁରୀ ଦେଇଥିବାରୁ ଏଣିକି ପିଲାମାନଙ୍କୁ ଟିକା ଦେବା ପାଇଁ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହୋଇଯିବ ବୋଲି ଆଶା କରାଯାଉଛି। ଏମଧ୍ୟରେ ରାଜ୍ୟରେ କେବେ ୧୮ବର୍ଷରୁ କମ ପିଲାଙ୍କୁ ଟିକା ଦିଆଯିବ ସେନେଇ ପ୍ରଶ୍ନ କରାଯିବା ପରେ ଏହାର ଉତ୍ତର ରଖିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର। ସେ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଗାଇଡଲାଇନ ଓ ଟିକା ଆସିଲେ ୨ରୁ ୧୮ବର୍ଷ ପିଲାଙ୍କୁ ଟିକା ଦିଆଯିବା କାମ ଆରମ୍ଭ ହେବ। ଆମେ ଶିଶୁଙ୍କୁ ଡିପିଟି ଓ ପୋଲିଓ ସବୁବେଳେ ଦେଉଛୁ। ତେଣୁ ଆମ ପାଖରେ ଟିକା ଦେବାକୁ ଲୋକଙ୍କ ଅଭାବ ନାହିଁ। ଭିତ୍ତିଭୂମିରେ ମଧ କୌଣସି ଅସୁବିଧା ନାହିଁ। ତେଣୁ ଟିକା ଆସିଲେ ସଙ୍ଗେ ସଙ୍ଗେ ଟିକାକରଣ ଆରମ୍ଭ ହେବ। କେନ୍ଦ୍ର ସରକର ଏନେଇ କୌଣସି ଗାଇଡଲାଇନ ଜାରି କରିନାହାନ୍ତି। ଗାଇଡଲାଇନ ଆସିବା ପରେ ଆମେ ସେହି ଅନୁସାରେ କାମ କରିବୁ। ଏହା ସହ ରାଜ୍ୟରେ କରୋନା ସଂକ୍ରମଣ ବଢ଼ିବା ନେଇ ସେ କହିଛନ୍ତି ଯେ, ରାଜ୍ୟରେ ସଂକ୍ରମଣ ବଢିବାଟା ନିଶ୍ଚିତ ଭାବେ ଉଦ୍ବେଗଜନକ। ଭୁବନେଶ୍ୱରରେ ଲୋକେ କଟକଣା ନ ମାନି ଭିଡ଼ ଜମାଇବା ଯୋଗୁ ସଂକ୍ରମଣ ବଢୁଛି। ଆଗକୁ ଅଧିକ ସଂକ୍ରମଣ ହେଲେ ସେହି ଅନୁସାରେ ନିଷ୍ପତ୍ତି ନିଆଯିବ। ଲୋକେ ସତର୍କ ରହିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗାଇଡଲାଇନ ମାନିବା ଜରୁରୀ।

# ୬୮ ଶିଶୁ ଓ କିଶୋରଙ୍କ ସମେତ ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୬୧୫ କରୋନା ପଜିଟିଭ୍ ଚିହ୍ନଟ



ଭୁବନେଶ୍ୱର,୧୩/୧୦ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୬୧୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୫୭ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୨୫୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୬୮ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୨୩ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୪ ଜଣ, ବାଲେଶ୍ୱରରୁ ୧୨ ଜଣ, ଭଦ୍ରକରୁ ୭ ଜଣ, ବରଗଡ଼ରୁ ୩ ଜଣ, ବୌଦ୍ଧରୁ ଜଣେ, କଟକରୁ ୭୨ ଜଣ, ଢେଙ୍କାନାଳରୁ ଜଣେ, ଗଞ୍ଜାମରୁ ୩ଜଣ, ଜଗତସିଂହପୁରରୁ ୮ଜଣ, ଯାଜପୁରରୁ ୯ଜଣ, ଝାରସୁଗୁଡ଼ାରୁ ୨ଜଣ, କେନ୍ଦ୍ରାପଡ଼ାରୁ ୧୦ଜଣ, କେନ୍ଦୁଝରରୁ ୩ଜଣ, କୋରାପୁଟରୁ ୪ଜଣ, ମୟୂରଭଞ୍ଜରୁ ୨୮ଜଣ, ନୟାଗଡ଼ରୁ ୩ଜଣ, ନୂଆପଡ଼ାରୁ ୩ଜଣ, ପୁରୀରୁ ୧୫ଜଣ, ରାୟଗଡ଼ାରୁ ଜଣେ, ସମ୍ବଲପୁରରୁ ୧୯ଜଣ, ସୁନ୍ଦରଗଡ଼ରୁ ୮ ଜଣ ଓ ଷ୍ଟେଟ ପୁଲରୁ ୭୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୩୩ ହଜାର ୨୮୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରୁ ୧୦ ଲକ୍ଷ ୧୯ ହଜାର ୭୬୪ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୫ ହଜାର ୨୦୩ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୪ ଅକ୍ଟୋବର ୨୦୨୧, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପୁନଶ୍ଚ ଆତଙ୍କବାଦ...

ଆତଙ୍କବାଦର କଳା ଛାଇ ପୁଣିଥରେ କାଶ୍ମୀରକୁ ଫେରିଛି କି ? ଅନ୍ତତଃ ଏୟା ହିଁ ମନେହୁଏ ବିଗତ କିଛିଦିନରେ ଏଠାରେ ଘଟିଥିବା ହତ୍ୟାକାଣ୍ଡଗୁଡ଼ିକୁ ନିରିଖେଇ ଦେଖିଲେ । କହିବାର କାରଣ, ଗତ ଏକମାସ ଧରି କାଶ୍ମୀର ହଠାତ୍ ଅବର୍ଣ୍ଣନୀୟ ଭାବରେ ହିଂସାକାଣ୍ଡର ସ୍ଫୁରଣକୁ ପ୍ରତ୍ୟକ୍ଷ କରି ଆସୁଛି । ନିକଟ ଅତୀତର ମାସଗୁଡ଼ିକରେ ଭାରତ ସରକାର କାଶ୍ମୀରରେ ପରିସ୍ଥିତି ଶାନ୍ତ ଓ 'ନିୟନ୍ତ୍ରଣାଧିନ' ରହିଥିବା ନେଇ ଆଶ୍ୱସ୍ତ ରହି ଆସିଥିଲେ । ତେବେ ମାତ୍ର ଅଳ୍ପ କେତେଦିନ ଭିତରେ ଏହି ଉପତ୍ୟକାରେ ଦୁଇ ଡଜନରୁ ଅଧିକ ସଂଖ୍ୟକ ଲୋକ ଆତଙ୍କବାଦୀଙ୍କ ରକ୍ତରେ ହୋଲି ଖେଳର ଶିକାର ହୋଇଛନ୍ତି । ଏଥର ଏକ ନୂଆ କଥା ଦେଖିବାକୁ ମିଳିଛି ଯେ ଯେଉଁମାନେ ଆତଙ୍କବାଦୀଙ୍କ ଏହି ଖେଳର ଶିକାର ହୋଇଛନ୍ତି, ସେମାନେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମ ବା ସମ୍ପ୍ରଦାୟର ନୁହଁନ୍ତି; ସେମାନଙ୍କ ଭିତରେ ଅଛନ୍ତି ହିନ୍ଦୁ, ମୁସଲମାନ, ଶିଖ୍‌ଙ୍କୁ ମିଶାଇ ସବୁ ସମ୍ପ୍ରଦାୟର ଲୋକ । ଏମିତିକି ଜଣେ ବିହାର ବାସିନ୍ଦା ମଧ୍ୟ ସେମାନଙ୍କ ଭିତରେ ଅଛନ୍ତି ହିନ୍ଦୁ, ମୁସଲମାନ, ଶିଖ୍‌ଙ୍କୁ ମିଶାଇ ସବୁ ସମ୍ପ୍ରଦାୟର ଲୋକ । ଏମିତିକି ଜଣେ ବିହାର ବାସିନ୍ଦା ମଧ୍ୟ ସେମାନଙ୍କ ଭିତରେ ଅନ୍ତର୍ଭୁକ୍ତ । ପୁଣି ଯେଉଁମାନେ ସେମାନଙ୍କର ଶିକାର ହୋଇଛନ୍ତି, ସେମାନଙ୍କ ମଧ୍ୟରେ କେହି ବଡ଼ବଡ଼ିଆ ନାମକରା ଲୋକ ବି ନାହାନ୍ତି; ଅଛନ୍ତି ଜଣେ ଫାର୍ମାସିଷ୍ଟ ଯିଏକି ଜଣେ କାଶ୍ମୀରୀ ପଣ୍ଡିତ, ଦୁଇଜଣ ଶିକ୍ଷକ, ରାସ୍ତାକଡ଼ର ଜଳଖିଆ ଦୋକାନୀ ଇତ୍ୟାଦି । ଯେଉଁମାନଙ୍କୁ ହତ୍ୟା କରାଯାଇଛି, ସେମାନଙ୍କୁ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଛି । ଏହାର ଅର୍ଥ, ଆତଙ୍କବାଦୀମାନଙ୍କର ଏହି ଲକ୍ଷ୍ୟାଭୁକ୍ତ ହତ୍ୟା ସେମାନଙ୍କ ରଣକୌଶଳରେ ପରିବର୍ତ୍ତନକୁ ଦର୍ଶାଉଛି- ସେମାନେ ପରିଚୟ ମାଗି ଅତି ସାଧାରଣ ଲୋକମାନଙ୍କୁ ହତ୍ୟା କରୁଛନ୍ତି । ଶ୍ରୀନଗରର ଇଦ୍‌ଗୋ ଅଞ୍ଚଳରେ ଆତଙ୍କବାଦୀମାନେ ଶିକ୍ଷକମାନଙ୍କର ପରିଚୟ ପତ୍ର ବା ଆଇଡେଣ୍ଟିଟି କାର୍ଡ୍ ଯାଞ୍ଚ କରିବା ପରେ ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ବାଛି ହତ୍ୟା କଲେ । ହତ୍ୟାର ଶିକାର ହୋଇଥିବା ଶିକ୍ଷକଙ୍କ ମଧ୍ୟରୁ ଜଣେ ଥିଲେ ହିନ୍ଦୁ ଓ ଜଣେ ଶିଖ୍ । ତେବେ ଏହାକୁ ସଂଖ୍ୟାଲଘୁମାନଙ୍କ ଉପରେ ଆକ୍ରମଣ ବୋଲି ମଧ୍ୟ କହିହେବ ନାହିଁ, କାରଣ ଆତଙ୍କବାଦୀମାନେ ଯେଉଁମାନଙ୍କୁ ମାରିଛନ୍ତି, ସେମାନଙ୍କ ମଧ୍ୟରେ ମହମ୍ମଦ ସାଫି ଲୋନ୍ ନାମରେ ଜଣେ ମୁସଲମାନ ମଧ୍ୟ ଅଛନ୍ତି । ଆତଙ୍କବାଦୀମାନଙ୍କର ଏଭଳି କାର୍ଯ୍ୟ ବିବିଧତା ମଧ୍ୟରେ ଏକତା ଭଳି ଦେଶର ମୂଳମନ୍ତ୍ର ଉପରେ ଏକ ଶକ୍ତ ଆଘାତ କହିଲେ ଅତ୍ୟୁକ୍ତି ହେବନାହିଁ । ସହାବସ୍ଥାନ ଏବଂ ସମନ୍ୱୟତା ଯାହା କାଶ୍ମିରୀୟତ୍‌ର ସ୍ୱତନ୍ତ୍ର ପରମ୍ପରା ରହି ଆସିଛି, ତାହା ଦୁର୍ଭାଗ୍ୟବଶତଃ ଏଇ କିଛି ମାସ ହେବ ଦୂରେଇ ଯାଇଥିବା ମନେ ହେଉଥିବା ବେଳେ ସମ୍ଭବତଃ ଦେଶର ଅନ୍ୟାନ୍ୟ ଭାଗଠାରୁ ଏହି ରାଜ୍ୟ ଦୂରେଇ ଯିବା ଯୋଗୁଁ ଏପରି ହେଉଥିବା ପ୍ରତୀୟମାନ ହୁଏ । କାଶ୍ମୀରର ଏସବୁ ହତ୍ୟାକାଣ୍ଡ ପଛରେ ରେଜିଷ୍ଟାଣ୍ଟ ଫ୍ରଣ୍ଟ୍ ନାମକ ଏକ ଆତଙ୍କବାଦୀ ଗୋଷ୍ଠୀର ହାତ ରହିଥିବା କୁହାଯାଉଥିବା ବେଳେ ଏହା ପାକିସ୍ତାନ-ଭିତ୍ତିକ ଆତଙ୍କବାଦୀ ସଂଗଠନଗୁଡ଼ିକର ଏକ ସାମ୍ମୁଖ୍ୟ ବୋଲି ମଧ୍ୟ କୁହାଯାଉଛି । ବର୍ତ୍ତମାନ ସୁଦ୍ଧା ଯେତିକି ଆକ୍ରମଣ ଘଟିଛି, ସେଗୁଡ଼ିକ ଭିତରେ ଦୁଇଗୋଟି ଜିନିଷ ସମାନ ଥିବା ଦେଖିବାକୁ ମିଳିଛି । ପ୍ରଥମତଃ, ଆତଙ୍କବାଦୀମାନେ ଯେଉଁ ଲୋକମାନଙ୍କୁ ହତ୍ୟା କରିଛନ୍ତି, ସେମାନଙ୍କୁ ଅଚାନକ ହତ୍ୟା କରିଛନ୍ତି, ଯାହା କି ଏକ ବିସ୍ମୟଜନକ କଥା ଏବଂ ଦ୍ୱିତୀୟରେ ହତ୍ୟାକାରୀମାନଙ୍କୁ ଏବେ ସୁଦ୍ଧା ଚିହ୍ନଟ କରାଯାଇନାହିଁ, ଅର୍ଥାତ୍ ଏବେ ସୁଦ୍ଧା ସେମାନଙ୍କର ପରିଚୟ ବା ଦଳର ପରିଚୟ ଜଣା ପଡ଼ିନାହିଁ । ପୁନଶ୍ଚ, ସବୁ ହତ୍ୟାକାଣ୍ଡର ମୁଖ୍ୟତଃ ଦୁଇଗୋଟି ଉଦ୍ଦେଶ୍ୟ ଥିବା ମନେହୁଏ । ଗୋଟିଏ ହେଉଛି, ଏହି ଉପତ୍ୟକାରେ ଆତଙ୍କବାଦୀଙ୍କ ଉପସ୍ଥିତିକୁ ଦର୍ଶାଇବା ଏବଂ ଅନ୍ୟଟି ହେଉଛି, ସାଧାରଣ ଲୋକଙ୍କ ମନରେ ଆତଙ୍କବାଦୀମାନଙ୍କ ପ୍ରତି ଭୟ ସଞ୍ଚାର କରିବା । ମୋଟାମୋଟି ଯେ କୌଣସି ବ୍ୟକ୍ତି ଯେ କୌଣସସି ମୁହୂର୍ତ୍ତରେ ଆତଙ୍କବାଦୀମାନଙ୍କର ଶିକାର ହୋଇ ପାରନ୍ତି ବୋଲି ସେମାନଙ୍କର ଏଭଳି କାର୍ଯ୍ୟ ସୂଚାଉଛି । ପରିଣତିରେ ସମଗ୍ର କାଶ୍ମୀରବାସୀ ବର୍ତ୍ତମାନ ଏକ ଆତଙ୍କିତ ବାତାବରଣ ଭିତରେ କାଳ କାଟୁଛନ୍ତି । ତେବେ ସବୁଠୁ ବଡ଼କଥା ହେଉଛି, ଏଭଳି ହିଂସା ପଛରେ ସାଧାରଣ ଜନତାଙ୍କର ସମର୍ଥନ ନାହିଁ । ଆଉ ଏହା ସରକାରଙ୍କ ପାଇଁ ଏକ ଆଶ୍ୱାସନାର ବିଷୟ ।

# ଦୁର୍ଗୋତ୍ସବ : ଶକ୍ତି ଆଖ୍ୟାନ



ବିପିନ ବିହାରୀ ମହାନ୍ତି

ପୁରାଣ ପୃଷ୍ଠା ଓଲଟାଇଲେ ପ୍ରମାଣିତ ହୁଏ ଯେ ସେ ବ୍ରହ୍ମା, ବିଷ୍ଣୁ ବି ମହେଶ୍ୱର ହୁଅନ୍ତୁ ପଛେ, ନିଜର ସକଳ ସାମର୍ଥ୍ୟ , ଅନ୍ୟାୟ ଓ ଅସତ୍ୟକୁ ପ୍ରତିହତ କରି ଧର୍ମସ୍ଥାପନାର୍ଥେ ଏକ ବୃହତ ଶକ୍ତିଠାରୁ ଆହରଣ କରିଥାନ୍ତି। ଏହି ଶକ୍ତି ଏକ ଆଦିଅନ୍ତହୀନ ଅସୀମ ଶକ୍ତି ଯାରହାକି, 'ଭୁ' ରୁ 'ଭୂମା' ଏବଂ 'ପରମାଣୁ' ଠାରୁ ବିରାଟ ବ୍ରହ୍ମାଣ୍ଡଯାଏଁ ବିଦ୍ୟମାନ । ଏହି ଶକ୍ତି 'ନାରୀ' ତଥା 'ମାତୃ' ରୂପରେ ଅର୍ଥାତ୍ ଆଦ୍ୟାଶକ୍ତି ଆକାରରେ ସୃଷ୍ଟିର ଆରମ୍ଭରୁ ଏଯାଏଁ ଅଛନ୍ତି ଏବଂ ପୂଜିତ ହୋଇ ଆସୁଛନ୍ତି:

"ଯା ଦେବୀ ସର୍ବ
ଭୂତେଷୁ ମାତୃରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ
ନମସ୍ତସେ ନମୋନମଃ"

ଏ ଶକ୍ତି ପ୍ରତିଟି ପ୍ରାଣୀର ଆଧର ରୂପ ବିଦ୍ୟମା। ସୃଷ୍ଟିର ଆରମ୍ଭ ପୂର୍ବରୁ କୌଣସି ଶକ୍ତି ନଥିଲା ବୋଲି କହିବା ହିଁ ଭୁଲ। କେବଳ ନିରାକାର ରୂପରେ ଏହି ଅନନ୍ତ ଶକ୍ତିଥିଲେ ଏବଂ କେବଳ ତାଙ୍କରି ଠାରୁ ବ୍ରହ୍ମ, ବିଷ୍ଣୁ, ମହେଶ୍ୱର ଏବଂ ଅନ୍ୟାନ୍ୟ ଦେବାଦେବୀ , ଜଳ ଓ ଜୀବଜଗତ ସୃଷ୍ଟି ହେଲା। ତ୍ରିଲୋକ ସଂରଚନା କେବଳ ତାଙ୍କରି କରୁଣା ଥିଲା ଦେବୀ ଭାଗବତ ଆଖ୍ୟାନ ଅନୁଯାୟୀ ଏକାର୍ଣ୍ଣବ ଜଳରେ ତ୍ରିଲୋକ ଧ୍ୱଂସ ହେଲାପରେ, ନାରାୟଣ ବହୁ କାଳଧରି ଶାନ୍ତି ନିଦ୍ରାରେ ଶୋଇଗଲେ । ଏହି ଅବସରରେ ତାଙ୍କ କର୍ଣ୍ଣରୁ ଉଭବ ମଳରୁ ମଧୁ କୈଟିଭ ନାମକୁ ଦୁଇଟି ରାକ୍ଷାସ ସୃଷ୍ଟି ହେଲେ । ସେମାନେ ଜଳରେ ସନ୍ତରଣ କରୁଥିବା ଅବସ୍ଥାରେ କୈଟିଭ ପ୍ରଥମେ ଏହି ଆଦ୍ୟାଶକ୍ତିଙ୍କୁ ଦର୍ଶନକଲା ଏବଂ ସେ ଯେ କେବଳ ସେହି ଏକାବର୍ଣ୍ଣ ଜଳର ଆଧାର ତଥା ସେମାନଙ୍କର ସୃଷ୍ଟିର କାରଣ ବୋଲି ମଧୁକୁ ବୁଝାଇଦେଲା।

ଏହାପରେ ସେମାନେ ଶୁନ୍ୟବାଣୀ ଦ୍ୱାରା 'ବାଗ୍‌ବଜମନ୍ତ୍ର' ପ୍ରାପ୍ତ ହେଲେ ଏବଂ ତାହାରି ବଳରେ ଦେବୀ ମା' ଭାଗବତୀଙ୍କ କୃପାରୁ ଇଚ୍ଛାମୃତ୍ୟୁ ଏବଂ ସର୍ବଲୋକ ଅଜୟବର ପ୍ରାପ୍ତ ହେଲେ। ଏହାପରେ ସେମାନେ ଆତ୍ମଗର୍ବରେ ଯେଛାତା କରିଚାଲିଲେ ଏବଂ ବିଷ୍ଣୁଙ୍କ ନାଭିକମଳରୁ ସମ୍ଭୁତ ବ୍ରହ୍ମାଙ୍କୁ ଆକ୍ରମଣ କଲେ । ବ୍ରହ୍ମା ନିରୂପାୟ ହୋଇ ବିଷ୍ଣୁଙ୍କୁ ସ୍ମରଣ କଲେ। ହେଲେ ବିଷ୍ଣୁଙ୍କ ଅଚିନ୍ତା ନିଦ୍ରା ଭଂଗ ହେଲାନାହିଁ। ଏଣୁ ସେ ବାଧ୍ୟହୋଇ ବିଷ୍ଣୁଙ୍କ ନିଦ୍ରାଭଂଗ ନିମନ୍ତେ ଆଦ୍ୟଶକ୍ତିଙ୍କୁ ସ୍ମରଣ କଲେ ଏବଂ ତାଙ୍କ କୃପାରୁ ନିଦ୍ରାଦେବୀ ମା' ଅନନ୍ତା ବିଷ୍ଣୁଙ୍କୁ ଚକ୍ଷରୁ ଅପସରି ଗଲେ। ତେବେ ବିଷ୍ଣୁ ମଧୁ କୈଟିଭଙ୍କ ସହିତ ଯୁଦ୍ଧରେ ଲିପ୍ତ ହେଲେ ପ୍ରାୟ ୫ଶହସ୍ର ବର୍ଷ; କିନ୍ତୁ ପାରିଲେ ନାହିଁ। ଶେଷରେ ସେ ସେହି ଆଦ୍ୟା ଶକ୍ତିଙ୍କର ଶରଣ ଗଲେ। ଏଣୁ ମା' ଅନନ୍ତା ଶକ୍ତିଙ୍କୁ ଖାଲି ବିଷ୍ଣୁଙ୍କୁତ ଅମାପ ଶକ୍ତିଦେଲେନାହିଁ, ଅନ୍ୟ ପକ୍ଷେରେ ତ୍ରିପୁର ସୁନ୍ଦରୀ ସାଜି ମଧୁ କୈଟିଭଙ୍କୁ ହୀନବୀର୍ଯ୍ୟ କରିଦେଲେ। ଏଣୁ ସେମାନେ ଦୁର୍ବଳତା ବଶତଃ ବିଷ୍ଣୁଙ୍କୁ ବର ମାଗିବାକୁ କହିଲେ ଓ ଯୁଦ୍ଧରୁ ନିବୃର୍ତ୍ତ ହେଲେ। ବିଷ୍ଣୁ କେବଳ ସେମାନଙ୍କର ମୃତ୍ୟୁ ବରଟିକୁ ହିଁ ଭିକ୍ଷାକଲେ। ସେମାନେ ନିଜ ସତ୍ୟ ରକ୍ଷାକରି ତାଙ୍କର ଜଳରେ ନଥିବା କୌଣସି ସ୍ଥାନରେ ବଦ୍ଧ କରିବାକୁ କହିଲେ। ସେତେବେଳେ ଏ ମେଦିନୀ ସୃଷ୍ଟି ହୋଇନଥିଲା। ଏଣୁ ସ୍ଥଳ ଆସିବ କେଉଁଠୁ ଯେ ସେଠି ବିଷ୍ଣୁ ତାଙ୍କୁ ମାରିବେ ? ହେଲେ ବିଷ୍ଣୁଙ୍କ ମାୟା ତାଙ୍କୁ ଆଗଚୋର। ବିଷ୍ଣୁ ସେ ଦୁହିଁଙ୍କର ମୁଣ୍ଡକୁ ନିଜ ଜଂଘ ଉପରେ ରଖି ଛେଦନ କଲେ। ତାଙ୍କ ମେଦ ଦ୍ୱୟରୁ ଏ ମେଦିନୀ ସୃଷ୍ଟି ହେଲା। ପୁନଶ୍ଚ ମେଦିନି ଉପରେ ମଣିଷ ସମେତ ଜୀବଜଗତକୁ ବିଚରଣ କଲେ।

ମଧୁ କୈଟିଭଙ୍କ ମୃତ୍ୟୁପରେ ଅନନ୍ତ ସମୟ ପର୍ଯ୍ୟନ୍ତ ଶାନ୍ତିରେ କଟିଗଲା।



ଏବଂ ତାହାପରେ ଜନ୍ମନେଲା ମହାପ୍ରତାପୀ, ମହାଦୃଷ୍ଟ ମହୀଶସୁର। ବିଭିନ୍ନ ପରାଣମତେ ମହିଷାସୁର ଜନ୍ମ କାହାଣୀରେ ତାଳ ମେଳ ଖାଏନୀ । ବରାହ ପୁରାଣମାତେ ସେ ବିପ୍ରଚିତ୍ତ ନାମକ ଦୈତ୍ୟର ମହିଷ୍ମତୀ ନାମ୍ନୀ କନ୍ୟାର ସିନ୍ଧୁଦୀକ ନାମକ ଋଷିଙ୍କ ଅଭିଷାପରୁ ଜାତ ପୁତ୍ର: କାଳୀକା ପୁରାଣ ଅନୁଯାୟୀ ଇଏ ଶଇବ ବଂଶରୁ ଜାତ ଦୈତ୍ୟର ପୁତ୍ର। ଚଣ୍ଡିପୁରାଣ ଅନୁସାରେ କପିଳସିଂହଙ୍କ ପତ୍ନୀ ଯମର ବାହନ 'କୃତାନ୍ତକ' ଦ୍ୱାରା ଧର୍ଷିତ ହୋଇ ଯେଉଁ ଅବୈଧ ପୁତ୍ର ଜନ୍ମଦେଲେ, ସେହିଁ ମହିଷାସୁର। ତେବେ ଯେମିତି ହେଲେବି ଏହି ମହିଷାସୁର ତପସ୍ୟା ଦ୍ୱାରା ବ୍ରହ୍ମାଙ୍କ ଠାରୁ ବର ପ୍ରାପ୍ତ ହେଲେ ଯେ ସେ ଦିବସରେ କିମ୍ବା ରାତିରେ, ଦେବ ବା ଦାନବ ଦ୍ୱାରା, ଯକ୍ଷ ବାରକ୍ଷ , କି ଗନ୍ଧର୍ବ ମାନଙ୍କ ହାତରେ ମୃତ୍ୟୁବରଣ କରିବ ନାହିଁ ; ସେ ଜଳରେ ବୁଡ଼ିବ ନାହିଁ କିମ୍ବା ନିଆଁରେ ପୋଡ଼ିବ ନାହିଁ । ଏପରି ସ୍ଥଳେ ସେ ନଜସ୍ୱ ବଳସହିତ ତା'ର ରାକ୍ଷସ ବଳମାନଙ୍କୁ ନେଇ ପ୍ରଚଣ୍ଡ ବଳୀ ହୋଇ ଏ ମେଦିନୀକୁ ଥରହରା କଲା।

ନାରଦ ସବୁ କଳିର ସୂତ୍ରଧର। ଦିନେ ସେ ତାର ରାଜ୍ୟରେ ପଦାର୍ପଣ କଲେ ଏବଂ କହିଲେ ଯେ ମହିଷାସୁର ଯଦି ସ୍ୱର୍ଗପୁରୀର ଐରାବତ ହସ୍ତୀ, ଉଚ୍ଚୈଶ୍ରବା ଅଶ୍ୱ ଏବଂ ମେନକା ପରି ସ୍ୱର୍ଗ ସୁନ୍ଦରୀ ଓ ପାରିଜାତ ବୃକ୍ଷ ପାଇ ଯାଆନ୍ତେ, ତା ରାଜ୍ୟ ମଧ୍ୟ ସ୍ୱର୍ଗପୁରୀରଠୁ ବଳାଇ ଯାଆନ୍ତା। ଏମିତି ବି ଆଉ କ'ଣ କ'ଣ କହି ତାକୁ ଉସ୍‌କାଇ ଦେଲେ।

ମହିଷାସୁର ଏସବୁ ଶୁଣି ଚିଠିଟିଏ ଲେଖି ଏମାନଙ୍କୁ ଦେବାକୁ ଇନ୍ଦ୍ରଙ୍କୁ ଦୂତ ପଠାଇଲା। ଇନ୍ଦ୍ର ଏଗୁଡାକ ଦେବେ କ'ଣ, ତା ଦୂତକୁ ହତ୍ୟାକଲେ। ଏଣୁ ଭୟଙ୍କର କ୍ରୋଧାନ୍ୱିତ ହୋଇ ସେ ସ୍ୱର୍ଗପୁର ଆକ୍ରମଣ କଲା। ଦେବତାମାନେ ପରାସ୍ତ ହେଲେ । ସେମାନେ ବିଷ୍ଣୁଙ୍କ ଶରଣ ଗଲେ। ବିଷ୍ଣୁ ଦେବତାମାନଙ୍କୁ ଧରି ମେରୁ ପର୍ବତ ଉପରେ ମହିଷାସୁରା ମୃତ୍ୟୁ ଉପାୟ ଚିନ୍ତା କରୁଥିବା ବେଳେ , ସେ କଥା ଜାଣିପାରି ତା ଶିଙ୍ଗମାରି ମେରୁ ପର୍ବତକୁ ଦୋହଲାଇ ଦେଲା। ଏଣୁ ରାଗରେ ସମସ୍ତ ଦେବଗଣ କ୍ରୋଧରେ ମୁଖରୁ ଅଗ୍ନିବର୍ଷଣ କଲେ । ବ୍ରହ୍ମାଙ୍କ ଶାନ୍ତିମନ୍ତ୍ରରୁ ଏ ଅଗ୍ନି ଶାନ୍ତିଦେଲେ। ଅଥଚ ସେହି ସାମୁହିକ ଅଗ୍ନିରୁ ଜାତହେଲେ ଏକ ଦେବୀମୂର୍ତ୍ତୀ। ସେ ଦେବତାମାନଙ୍କୁ ସେମାନଙ୍କ ଦୁର୍ଗତିରୁ ରକ୍ଷାକରିବାକୁ ପ୍ରତିଶ୍ରୁତି ଦେଲେ। ଏଇ ଆର୍ବିଭୂତା ଦେବାତାମାନଙ୍କୁ ଦୁର୍ଗତିରୁ ରକ୍ଷା କରିଥିବାରୁ ବ୍ରହ୍ମା ତାଙ୍କ ନାମ ଦେଲେ ଦୁର୍ଗା।

ଏଦୁର୍ଗା ରତ୍ନଗିରି ଶିଖରେ ଅବସ୍ଥାନ କଲେ। ମୃଗୟାରେ ଯାଇଥିବା ମହିଷାସୁରର ଦୁଇ ସେନାଧ୍ୟକ୍ଷ ଚଣ୍ଡ ଓ ମୁଣ୍ଡ ତାଙ୍କୁ ଆବିଷ୍କାର କରି ଏକଥା ତାକୁ ଜଣାଇଲେ। ମହିଷାସୁର ତାଙ୍କୁ ବଳପୂର୍ବକ ଟାଣି ଆଣିବାକୁ ନିର୍ଦ୍ଦେଶ ଦେଲେ। ହେଲେ ଦେବୀ କହିଲେ ଯେ ସେ କେବଳ ମହିଷାସୁର ସେଠିକୁ ଗଲେ ତା ସହିତ ଯିବେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ ତାଙ୍କୁ ଟଣାଟଣି କରନ୍ତେ ସେ ତାକୁ ବାଧ କଲେ । ଏହାପରେ ଗଲେ ଶୁମ୍ଭ ନିଶୁମ୍ଭ । ଦେବୀ ତାଙ୍କୁ ତ୍ରୀଲୋକ ମୋହିନୀ ରୂପ ଦେଖାଇ ବଶୀଭୂତ କରାଇ ଦେଲେ ଏବଂ ତାଙ୍କ ନିଜର ହେବା ଆଳରେ କପଟ କରି ସେମାନଙ୍କ ମୃତ୍ୟୁଭେଦ ପାଇ ଯୋଦ୍ଧାଙ୍କ ସହ ଅସଂଖ ଅସୁରମାନଙ୍କୁ ପଠାଇଲା ।

ଦେବୀ ଏହାଦଖି ନିଜ ଦେହରୁ ଚଉଷଠୀ ଯୋଗିନୀ, ନବକୋଟି କାତ୍ୟାୟନୀ ଏବଂ ଅସୁମାରୀ ଶେଣେହା ସୃଷ୍ଟିକରି ଯୁଦ୍ଧକ୍ଷେତ୍ରକୁ ପଠାଇଲେ। ବୋଧହୁଏ ପୁରାଣମତେ ଏହା ବିପରୀତ ଲିଂଗ ଓ ଶକ୍ତି ମଧ୍ୟରେ ସୃଷ୍ଟିର ପ୍ରଥମ ଯୁଦ୍ଧ । ଏମାନେ ସମସ୍ତେ ଧ୍ୱଂସ ହୋଇଗଲେ।

ଏବେ ମହିଷାସୁର ତା' ସାରଥି ଧୂମ୍ରଲୋଚନକୁ ଧରି ସୂର୍ଯ୍ୟକେତୁ ରଥରେ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେଲା। ଘମାଘୋଟ ଲଢେଇ ଚାଲିଲା। ଦେବୀଙ୍କ ଆଦେଶମତେ ନିଜ ଦେହରୁ ସୃଷ୍ଟି ଡାକିନୀ ଧୂମ୍ରଲୋଚନୁ ଏବଂ ଭୂଆଷୁଣୀ ସୂର୍ଯ୍ୟକେତୁ ରଥକୁ ଗିଳିଦେଲେ। ଅଧୁନା ମହିଷାସୁର ଏକା। ଦେବୀ ତା ଶିର ଛେଦନ କଲେ। ସେଥିରୁ ପୁନଃ ଶିର ସୃଷ୍ଟି ହେଲା। ଶେଷରେ ଦେବୀ ତା ବକ୍ଷ ଉପରେ ପଦରଖି ତ୍ରିଶୂଳ ବାନ୍ଧିଲେ। ତଥାପି ସେ ତ୍ରିଶୂଳ ସହ ମହିଷାସୁର ଦେବୀଙ୍କୁ ଧରି କ୍ଷୀର ସାଗରରେ ବୁଡିଗଲା। ଏହାପରେ ଦେବୀ ନିଜ ଦେହରୁ ସର୍ବମଂଗଳାଙ୍କୁ ସୃଷ୍ଟି କଲେ। ସର୍ବମଂଗଳା ଏକ 'ଶଦ୍ୱାରା ତାକୁ କୂଳକୁ ଟାଣି ଆଣିଲେ। ଏଥର ଆଦ୍ୟାଶକ୍ତି ଭାଗବତୀ ମହାଚାମୁଣ୍ଡା ରୂପ ଧାରଣ କଲେ ଏବଂ ଏହାର ଦର୍ଶନମାତ୍ରେ ମହିଷାସୁର ହୀନବଳ ହୋଇଗଲା। ଏଥର ସେ ଅନାୟସରେ ମୃତ୍ୟୁବରଣ କଲା। ଏହି ଦିନଟି ଥିଲା ଆଶ୍ୱିନ ଶୁକ୍ଳପକ୍ଷ ଦଶମୀ।

ସେହି ପୁରାଣ ମତେ ଜଣାଯାଏ ଯେ, ତ୍ରେତୟ ଓ ଦ୍ୱାପର ଯୁଗରେ ଯଥାକ୍ରମେ ରାମଚନ୍ଦ୍ର ତାଙ୍କ ଲଙ୍କ ବିଜୟ ପୂର୍ବରୁ ଏବଂ ପାଣ୍ଡବମାନେ ତାଙ୍କ ଯୁଦ୍ଧ ବିଜୟ ପୂର୍ବରୁ ଏହି ଦିବସରେ ପୂଜାର୍ଚ୍ଚନ କରିଥିଲେ । ରାମଚନ୍ଦ୍ର ଲଙ୍କା ବିଜୟ ଏହି ଦଶମୀ ଦିନ କରଥିବାରୁ ଏହି ଦିବସଟିକୁ ବିଜୟ ଦଶମୀ କୁହାଯାଏ। ଅନେକ ମତରେ ଏ ପୂଜା ଦଶଦିନ ଧରି ଚାଲିଥିବା ହେତୁ କିମ୍ବା ରାମ ଦଶଶିର ରାବଣକୁ ହତ୍ୟା କରିଥା ହେତୁ ଅଥବା ଏହି ଦିବସରେ ଦେବୀଙ୍କୁ ଆରାଧନା କରି ଦଶଦୋଷ କରିଥିବା ପାପରୁ ମୁକ୍ତି ପାଉଥିବା ହେତୁ ଏହାକୁ ବି 'ଦଶହରା' କୁହନ୍ତି।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ଯା' ଦେବୀ ସର୍ବ ଭୂତେଷୁ



ସୌଭାଗ୍ୟ ରଞ୍ଜନ ମହାନ୍ତି

ଆଶ୍ୱିନ ମାସ ଶୁକ୍ଳ, ଜଗତଜନନୀ ମା ଦୁର୍ଗାଙ୍କର ଧରାବତରଣର ଶୁଭଲଗ୍ନ। ସେ ଆସୁଛନ୍ତି। ଘରେ ଘରେ ପୁରେ ପୁରେ ନଗରେ ନଗରେ ପାର୍ବଣର ପୁଲକ। କେତ ଆଶା, କେତେ ଆକାଂକ୍ଷା, କେତେ ମାଗୁଣି। ଦୁଃଖ ନାଶୀ ସୁଖଦେବେ ମା। ଧରାପୃଷ୍ଠରୁ ପାପର ଭାର କମିଯିବ। ଲୁହ ପୋଛି ହସ ଫୁଟାଇବେ ଶୁଖିଲା ମୁହଁରେ। ମହିଷାସୁର ବଧ କରି ସେ ସୃଷ୍ଟି ରକ୍ଷା କରିଥିଲେ। ଆଜି ମଧ୍ୟ ଆମ ସମାଜରେ ଅସଂଖ୍ୟା ମହିସାସୁର ଅଛନ୍ତି। ପ୍ରତ୍ୟେକ ମଣିଷଙ୍କ ଭିତରେ ଆସୁରିକ ଭାବ ରହିଛି। ଏସବୁକୁ ନିପାତ କରିବା ଜରୁରୀ। କାମ, କ୍ରୋଧ, ହିଂସା, କୁଟ, କପଟ, ମାୟା, ମୋହ ରୂପକ ଆସୁରିକ ଶକ୍ତିର ନିପାତ ହେବାର ଆବଶ୍ୟକତା ରହିଛି। ମହିଷାସୁର ମରିଛି ସତ, କିନ୍ତୁ ତା'ର ପ୍ରେତାତ୍ମା ଘର କରି ରହିଯାଇଛି ଆମ ଚିନ୍ତା, ଭାବନା ଓ ଚେତନାରେ। ପ୍ରଦୂଷଣ କେବଳ ଯେ ବାତାବରଣରେ ତାହା ନୁହଁ। ଆମ ମନ, ହୃଦୟ ଓ ଚରିତ୍ରରେ ମଧ୍ୟ। ଆଜି ସମୟ ଆସିଛି, ମା'ଙ୍କ ପାଖରେ ଗୁହାରି କରିବା ଆମ ମନ, ହୃଦୟ ଓ ଚରିତ୍ରର ପ୍ରଦୂଷଣ ମାତ୍ରା କମାଇବା ପାଇଁ। କାରଣ ସେ ସନ୍ତାନଙ୍କ ହାନି ଲାଭ ଗୁହାରି ଶୁଣିବାକୁ ତ ଧାରାବତରଣ କରିଥାନ୍ତି। କାଶତଣ୍ଡି ଫୁଲର ମହକରେ, ଶୋଭାବର୍ଦ୍ଧନକାରୀ ଶରତରେ, ଅଦୃଶ୍ୟ, ଅଦୃଷ୍ଟ ଆଗାମୀ କାଲିର ମୁକାବିଲା ନିମନ୍ତେ ବାଂଟିଥାନ୍ତି ନୂତନ ଶକ୍ତି, ସ୍ଫୁର୍ତୀ ଓ ଆତ୍ମବିଶ୍ୱାସ। ପ୍ରବୋଧନା ଦିଅନ୍ତି, ଭୟ ନାହିଁ। ସେ ମାତୃଶକ୍ତି, ଆଦିଶକ୍ତି ସେ ସୃଷ୍ଟି, ଜୀବନ, ମୃତ୍ୟୁ, ମୁକ୍ତି, ନିର୍ବାଣ, ଶ୍ରଦ୍ଧା, ପ୍ରେମ, ଭକ୍ତି ସବୁର ଆରାଧ ସେ। ମାତୃମୟ ସଂସାର। ମା ବିନା ସୃଷ୍ଟି ଅକଳ୍ପନୀୟ। ଘରେ ବାହାରେ, ସାହିପଡାରେ, କାର୍ଯ୍ୟ କ୍ଷେତ୍ରରେ, ବଜାରରେ, ରାସ୍ତାରେ ସବୁଠି ତାଙ୍କ ଅଂଶ ବିଦ୍ୟାମନ, ମା, ଭଉଣୀ, ଝିଅ, ବୋହୂ, ସହଯୋଗୀ, ବନ୍ଧୁ ରୂପରେ। ଆମ ଚାରିପଟେ ସେମାନେ ଆତଯାତ। ସେମାନେ ମାତୃଶକ୍ତି, ତାଙ୍କର ଛାୟା, ଅଂଶ, ହେଲେ କେତେ ସୁରକ୍ଷିତ ସେମାନେ? ମହିଷାସୁରକୁ ବଧ କରି ଦେବ, ଦାନବ, ମୁନିଋଷିମାନ୍ଙ୍କୁ ରକ୍ଷା କରିଥିବାରୁ ମହିଷାସୁର ମର୍ଦ୍ଦିନୀ ନାମରେ ବନ୍ଦିତା। ଦୁର୍ଗମ ନାମକ ଏକ ଦୃଷ୍ଟି ରାକ୍ଷସକୁ ବିନାଶ କରିଥିବାରୁ ମା' ଦୁର୍ଗା ନାମ ଧାରଣ କରିଛନ୍ତି। ସେ ହେଉଛନ୍ତି କଲ୍ୟାଣମୟୀ ମୋକ୍ଷ ପ୍ରଦାୟନୀ, ପତିତପବାନୀ, ଅନ୍ନପୂର୍ଣ୍ଣା। ସୃଷ୍ଟି ଆରମ୍ଭରୁ ହିଁ ମାତୃ ପୂଜାର ପରମ୍ପରା ଚଳିଆସିଛି। ପରମେଶ୍ୱର ପରମାତ୍ମାଙ୍କୁ ସର୍ବପ୍ରଥମେ 'ତ୍ୱମେବ ମାତା' ବୋଲି ସମ୍ବୋଧନ କରାଯାଇଛି। ମା+ଆ ମିଶି ମାଆ ଅର୍ଥାତ ମା କହିଲେ ମାଟି ଓ ଆ କହିଲେ ଆକାଶ। 'ମାଆ' ସିଏ ମାଟିରୁ ଆକାଶ ଯାଏଁ ଯାହାର ପରିବ୍ୟାପ୍ତ, ଯାହାର ସ୍ନେହ, ମମତା ସହିଷ୍ଣୁତା, ତ୍ୟାଗ ଓ ନିଃସର୍ତ୍ତ ଭଲପାଇବା। ଶୁଭ୍ର କାଶତଣ୍ଡୀର ଲହରୀ ଭଙ୍ଗୀ ନୃତ୍ୟରେ ସୁଶୋଭିତ ବନ, ଉପବନ, ନଇପଠା, ରାସ୍ତାଘାଟ। ନୀଳ ଆକାଶରେ ଭାସମାନ ଧବଳ ମେଘ ମାଳା। ମନ୍ଦ ମନ୍ଦ ସମୀରରେ ମନଛୁଆଁ ମୃଦୁମୃଦୁ ସ୍ୱର୍ଶରେ ତଡାଗରେ ନୃତ୍ୟରେ ତା ଶତ ଶତ ଜ୍ୟୋସ୍ନାଭିଳାଷୀ କୁମୁଦିନୀ ଧରାପୃଷ୍ଠରେ ଏଭଳି ଏକ ମଧୁମୟ ପରିବେଶତର ପୁଲକିତ ହେଲାଣି ମନ, ପ୍ରାଣ ଓ ହୃଦୟ। କେବଳ ମାତୃଶକ୍ତିର ପୂଜା ଆରାଧନା ପାଇଁ। ହେ ମାଆ ବରଦା, ତୁମେ ହିଁ ଭରସା। ମହିଷା ସୁରର ପ୍ରେତାତ୍ମା କବଳରୁ ଆମ ମାନବ ସମାଜକୁ ଉଦ୍ଧାର କର। ମାନବକୁ ମାନବ ହେବାର ଶକ୍ତି ପ୍ରଦାନ କର ମାଆ। ନ୍ୟାୟା, ଅନ୍ୟାୟା ନିର୍ଣ୍ଣୟ କରିବାର ସମାର୍ଥ୍ୟ ଦିଅ। ପୁରୁଷକୁ ସଦ୍‌ବୁଦ୍ଧି ଦିମ ମା, ନାରୀକୁ ଦିଅ ଶକ୍ତି। ଦୁର୍ବଳା ନହୋଇ ସେ ସବଳା ହେଉ। ତୁମେ ଜ୍ୟୋତିରେ ହେଉ ସେ ଜ୍ୟୋତିଷ୍ମାନ। ତୁମ ପରାକ୍ରମରେ ହେଉ ସେ ପରାକ୍ରମ। ଦୁର୍ଦ୍ଦିନରେ ସ୍ମରଣ କଲେ ତୁମେ ସାହା ହୁଅ ମା। ବିଭିନ୍ନ ଶକ୍ତିପୀଠରେ ତୁମେ ଦ୍ୱିଭୂଜା ତ ଅନ୍ୟ କେଉଁ ଅଷ୍ଟ ଭୂଜା କେଉଁଠି ଅବା ଦଶଭୂଜା, କେଉଁଠି ମା ପରମ ବୈଷ୍ଣବି ତ କେଉଁଠି ତ୍ରିପୁରା ସୁନ୍ଦରୀ ଆଦି ରୂପରେ ପୂଜା ପାଇ ଥାଅ। ଭାରତୀୟ ସଂସ୍କୃତିରେ ସର୍ବପ୍ରଥମେ ବୈଦିତ "ଦୁର୍ଗାସ୍ମୃତି"ରେ ସୂକ୍ଷ୍ମ ଦୃଷ୍ଟିରେ ଦୁର୍ଗାଙ୍କର ମହିମା ବର୍ଣ୍ଣିତ ହୋଇଥିଲା। ଉପନିଷଦ ମାନଙ୍କ ମଧ୍ୟରେ ତୈତିରୀୟରେ ଆରଣ୍ୟକର ଯଜ୍ଞିକ୍ ଉପନିଷଦରେ ପ୍ରଥମେ ଦୁର୍ଗାଙ୍କ ଗାୟତ୍ରୀ ମନ୍ତ୍ର ବିଷୟରେ ସୂଚନା ଦିଆଯାଇ ମହାଶକ୍ତିକୁ 'ଦୁର୍ଗା' ଶବ୍ଦରେ ଆହ୍ୱାନ କରାଯାଇଥିଲା। ବିଭିନ୍ନତାର ମଧ୍ୟେ ଏକତା ଏହି ପରମ୍ପରା ଓଡ଼ିଶାର ଶାସ୍ତ୍ର ପରମ୍ପରାକୁ ଋଦ୍ଧିମନ୍ତ କରିପାରିଛି। କ୍ରୋଧ, ହିଂସାକୁ ଯଦି ମଣିଷ ମହିଷ ରୂପରେ କଳ୍ପନା କରି ଦେବୀଙ୍କ ଉଦ୍ଦେଷ୍ୟରେ ବଳିଦାନ କରାଯାଇପାରିଲା, ତାହାହେଲେ ତାହା ହିଁ ହେବ ଶ୍ରେଷ୍ଠ ବଳିଦାନ। ଶାସ୍ତ୍ର ଅନୁସାରେ ଚଳପ୍ରଚଳ କରିଆସୁଥିବା ଇନ୍ଦ୍ରିୟମାନେ ହିଁ ଦେବତା ଏସବୁର ବିପରିତ ଭାମୂଖୀ ମାନେ ଅର୍ଥାତ୍ ବୃତିଗୁଡିକ ଅସୁର। ଯାବତୀୟ କାମନା, ବାସନା, ଦମ୍ଭ, ଦର୍ପ, ଅଭିମାନ ପ୍ରଭୃତି ଯାବତୀୟ ସମ୍ପଦର ଜଗୁଣର ସ୍ଥୂଳ ବିକାଶ। ଆମ ମଧ୍ୟରେ ରଜୋଗୁଣ ବିକ୍ଷେପ, ଆବରଣ, ଦର୍ପ, ଭୟା, ଦମ୍ଭ, ଭୋଗବିଳାସ, ଲୋଭ, ମୋହ, କ୍ରୋଧ, ଶାରିରୀକ ବନ୍ଧନ, ଅଭିମାନ, ଦୋଷ ଦୃଷ୍ଟି ଦ୍ୱେଷ ସମରାଭୀନୟ ଚାଲୁଅଛି। ଗୋଟିଏ ଦିଗରେ ଭୋଗର ବାସନା ଅନ୍ୟ ଦିଗରେ ଆପବର୍ଗର ଆକର୍ଷଣ। ଏଣୁ ମହାଶକ୍ତିର ନିକଟରେ ସକଳ ନୟନରେ ଶକ୍ତି ଭିକ୍ଷା କରି ସରଳ ପ୍ରାଣରେ ନିଜକୁ ଯଥାର୍ଥ ଉତ୍ପୀଡିତ ବୋଲି ଅନୁଭବ କରିପାରିଲେ। ସମର୍ପଣ ଭାବ ଆସିଗଲେ ଅସୁରକୂଳରେ ବିଳୟ ସାଙ୍ଗକୁ ଦେବ କୂଳରେ ଆନନ୍ଦ ଲାଗି କରିପାରିବ। ବିବେକାବାନମାନ୍ଙ୍କୁ ତୁମେ ସୁବୁଦ୍ଧି ପ୍ରଦାନ କର ମା। ଦାରିଦ୍ର୍ୟ ଦୂର କର ମା। ହେ ଦୁଃଖନାଶିନୀ ମା ସମସ୍ତଙ୍କୁ ଶାନ୍ତିରେ ରଖ। ଏ 'କରୋନା' ଶୀଘ୍ର ବିଶ୍ୱରୁ ଦୂରେଇ ଯାଉ ମାଆ। ଦେଖନ୍ତୁ କି କରୋନା ଆସିଲା ତୁମର ଉଚ୍ଚତାକୁ କମାଇ ଦିଆଯାଇ ଚାରି ଫୁଟିଆ କରି ଦିଆଗଲା। କାଳେ ଆପଣଙ୍କର ଉଚ୍ଚତା ବଢିଲେ, ସଂକ୍ରମଣ ବଢିଯାଇପାରେ। ଭକ୍ତମାନଙ୍କୁ ଦର୍ଶନରୁ ବାରଣ କରାଗଲା। ଯାହା କିଛି ବିଧି ବିଧାନରେ ପୂଜାଟା ହେବ। ପୂଜା ପୀଠସ୍ଥଳୀରେ ୭ ଜଣରୁ ଅଧିକା ବ୍ୟକ୍ତି ରହିପାରିବେ ନାହିଁ। ଏହିଭଳି ପୂଜାରେ ନା ଶାନ୍ତି ନା ଆନନ୍ଦ କିଛି ମିଳିପାରିବ ନାହିଁ ଯାହା ହେଉ ଆମକୁ କରୋନା କଟକଣାକୁ ମାନିବାକୁ ପଡିବ। କରୋନା କଟକଣାରେ ପୂଜା କରିବାକୁ ପଡିବ। ବିନା ଭକ୍ତରେ ହେଉ ପଛକେ, ପୂଜାଟା ହେଉ। ଆପଣଙ୍କର ଦୟାରୁ କରୋନା ଦୂରେଇ ଯାଉ ମାଆ। ଆପଣଙ୍କର ଶୁଭ ଦୃଷ୍ଟି ଜଗତବାସୀଙ୍କ ଉପରେ ଥାଉ।

+ ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
(ମୋ) ୯୪୩୭୯୯୪୩୭୯

# ପୂଜା ବିଧି ମଣିଷ ସମାଜ ପାଇଁ ଶିକ୍ଷା

ଈଶ୍ୱର ମଙ୍ଗରାଜ

ପ୍ରଭୁ ଆଖଣ୍ଡଳମଣି ବିଶ୍ୱବାସୀଙ୍କୁ କରୋନାରୁ ରକ୍ଷା କର, ଆଧୁନିକତା ପ୍ରଭାବରେ ପରିବର୍ତ୍ତିତ ମନୁଷ୍ୟ ପୁରୁଷ ନାରୀ ଚରିତ୍ର ବଦଳି ଯାଉଛି। ଯୁବା କାଳେ ନିଜ ଲୋକ ବାପା ମାଆ ଭଉଣୀ ବନ୍ଧୁ ପରିଜନଙ୍କ କଥା ଖରାପ ଲାଗେ। ରୂପ ଯୌବନ ଅର୍ଥ କ୍ଷଣ ସ୍ଥାୟୀ। ସବୁ ଜାଣି ଭୁଲି ଯାଆନ୍ତି। ମାତ୍ର ଶିବ ଏପରି ଠାକୁର କୋପେ ବର କିମ୍ବା ତପେ ବର। ସେ କହାକୁ କିପରି ଦେଖନ୍ତି ଚରିତ୍ର ନେଇ, ଦଣ୍ଡ ଦିଅନ୍ତି। ଆମ ସମାଜ ଯଦି ପ୍ରକୃତ ବ୍ୟକ୍ତି ସହ ପୂଜା ଆରାଧନା କରେ ତାର ସର୍ବ ମଙ୍ଗଳ ହୁଏ। କେବଳ ଉପର ଦେଖା ପୂଜା କରିବା ଫଳ ପ୍ରାପ୍ତି ହୁଏ ନାହିଁ।

ଏବେ ଦୂର୍ଗାମାଆଙ୍କ ପୂଜା ଆସିଛି। ଦୂର୍ଗା ମାଆ ବିଶ୍ୱରେ ବିଭିନ୍ନ ରୂପେ ପୂଜା ପାଆନ୍ତି । ସେ ହେଉଛନ୍ତି ସତୀ ପାର୍ବତୀ। ହର ହର ମହାଦେବଙ୍କ ପତ୍ନୀ । ସେହି ମା' ଦୁର୍ଗା ମହିଷା ମର୍ଦ୍ଦିନି। ମାହିସା ସୁର ନିଧନ କରିବା ପାଇଁ ଅବତାର ମର୍ତ୍ତ୍ୟର।

ଆଜିକାଲି ମଣିଷ ସମାଜ ରାକ୍ଷସ୍ୟ ପ୍ରକୃତି। ସବୁ ନାରୀ ହେଉଛନ୍ତି ଦୂର୍ଗା ସ୍ୱରୁପଣି । କେବଳ ନିଜର ଧର୍ମ ପତ୍ନୀ ହେଉଛନ୍ତି ଶଯ୍ୟା ସଙ୍ଗିନୀ । ଯେଉଁ ମଣିଷ ରାକ୍ଷସ ପ୍ରକୃତି ସେ ଜଣେ ଜଣେ ମହିଷାସୁର। ତାଙ୍କୁ ପ୍ରକୃତି ପରି ପରିବର୍ତ୍ତନ କରିବା ପାଇଁ ନାରୀ ଚରିତ୍ର ଯଦି ଠିକ ଥାଏ ସେ ଘରେ ଶାନ୍ତି ମର୍ତି ଜାଗ୍ରତ ହୁଏ। ଯଦି ନାରୀ ଚରିତ୍ରହିନା, କି ରାଗ ରୋଷ ରଖି , ଘରେ ବାହାରେ ନିନ୍ଦିତ ହୁଏ ସେ କୂଳକୁ କାଳ। ମା' ପାର୍ବତୀ ଶିବ ଭଳି ପତିକୁ ଉଚିତ ମାର୍ଗ ଯିବା ପାଇଁ ପାଖେ ପାଖେ ରହି ଶାନ୍ତ କରିଥାନ୍ତି। ଏହି ମାତା ସଦା ପତି ଭକ୍ତି ବଳରେ ଜଗତ ଜନନୀ। ଆଖଣ୍ଡଳମଣି ଶିବଙ୍କ ଏକ ରୂପ। ଏ ମାନସିକ ଭକ୍ତି ସହ କଲେ ଉପାସନା କଲେ ସବୁ ପାପ କଷ୍ଟ ଦୂର ହୁଏ। ଶିବ ଓ ମା' ଦୁର୍ଗା ଏକ ପ୍ରକୃତି। ଯେଉଁମାନେ ପୁରୁଷ ଓ ନାରୀ ରାକ୍ଷସ ଓ ରାକ୍ଷସୁଣି ନୀତି ପ୍ରକୃତି, ଚରିତ୍ର ତାଙ୍କୁ ଦେଇ ଦିଅନ୍ତି। ଯେଉଁ ନାରୀ ଶକ୍ତି ସମାଜ ପାଇଁ ଆଦର୍ଶ ଚରିତ୍ର ଓ ପ୍ରକୃତ୍ରି, ସେ ମାଆ ଦୂର୍ଗା ଘରେ ବାହାରେ ସଦା ଆଦୃତ। ରୂପବତୀ ନାରୀ ନିଜ ଗର୍ବ ଅହଂକାର ଯୋଗୁ ବୃଦ୍ଧା କାଳେ ପାଏ କର୍ମ ଫଳ କହେ ଭାଗ୍ୟ ଖରାପ। ଯେ ଯାହା କରିଥିବ ନିଜ ପରିବାର ପାଇଁ, ସେ ତାର ଶାସ୍ତି ପାଆନ୍ତି। ଯେଉଁ ନାରୀ ଘରେ କରେ ନାହିଁ ଭକ୍ତି, ସ୍ନେହ, ଶ୍ରଦ୍ଧା ତାର ଐଶରିକ ପ୍ରକୃତି ସେ ପୁତନା ଓ ସୂପନାଖା ମହାଭାରତ ଓ ରାମାୟଣର ଚରିତ୍ର। ସେହପରି ଆଜିକାଲି ଶିକ୍ଷିତା ନାରୀ ଆଧୁନିକତା ଦେଖାଇ ଚାଲୁଛନ୍ତି। ତାଂକୁ ଲାଜକୁଳୀ ଲତାଠାରୁ ଶିକ୍ଷା ପାଇବା ଉଚିତ। ତାଂକୁ ଦେଖି ଅଶିକ୍ଷିତା ଗ୍ରାମ ସହର ଏକା କାର। ବିଶେଷ୍ୟତ ପୁଜା ମନ୍ଦିର ଯିବା ସମୟରେ ବିଭାହିତ ସ୍ତ୍ରୀ ମୁଣ୍ଡରେ ଓଢ଼ଣି, ସିନ୍ଥିରେ ସିନ୍ଦୂର, ହାତରେ ଶଙ୍ଖା ଥିବା, ଭକ୍ତି ହିନ୍ଦୁ ନାରୀର ମହତ । ଏବେ ଦେଖିବାକୁ ମିଳେ ଓଲଟା। ଏହି ନାରୀ ସିନ୍ଦୂର ଟୋପା ବଡ ଓ ସିନ୍ଥି ସିନ୍ଦୂର ଲଗାଇବା ଇଚ୍ଛା ନାହିଁ, ସେ ବିଭାହିତ କି ଅଭିଭାହିତ ଜାଣିବା କଷ୍ଟ।

ସେହିପରି ବହୁ ପୁରୁଷ ମାନେ ଯୁବକ ସମୟରେ ନିଶା ବିଭୋର, ପର ନାରୀ ପ୍ରତି ପାପ ଆଖି, ସେମାନେ ଜଣେ ଜଣେ ମହିଷାସୁର। ବିବାହିତ ପୁରୁଷ ନିଜ ସ୍ତ୍ରୀକୁ ଶାନ୍ତି ନଦେଇ ପର ସ୍ତ୍ରୀ ଝିଅ ଭଉଣୀ ନାତୁଣୀକୁ କରନ୍ତି ବିବସ୍ତ୍ର। ଏ ଜଣେ ଜଣେ ସମାଜ ପାଇଁ କଳଙ୍କ । ଆମ ଦୁର୍ଗା ପୂଜା ମଣିଷ ସମାଜ ପାଇଁ ଏକ ଶିକ୍ଷା। ଦୂର୍ଗା ଥିଲେ ନ ଥିଲେ ଆମେ ଦେଖି ନାହୁଁ। ପୁରାଣ ବର୍ଣ୍ଣତ ଅନୁଯାଇ ସବୁ ପୁଜା ବିଧି। ସୀତା ଓ ଦ୍ରୌପଦୀ ରୂପବତୀ ସ୍ତ୍ରୀ ଯୋଗୁ ରାମାୟଣ ଓ ମହାଭାରତ ଏହି ଯୋଗୁ ରାବଣ ଓ କୁରୁକୁଳ ନିବଂଶ ।ନାରୀ ଚରିତ୍ର ବିଚିତ୍ର, ମହୀସା ନିଧନ ପାଇଁ ହୋଇଥିଲେ ବିବସନ। ପୁରୁଷ ସମାଜ ନାରୀ ଯୋଗୁ ପାଏ ଶାସ୍ତି ଓ ହୁଏ ଦୁର୍ବଳ। ଶିବ ତାଣ୍ଡବ ଲୀଳା । ଶ୍ରୀକୃଷ୍ଣ ମାୟା ସମାଜ ପାଇଁ ଶିକ୍ଷା। ଭକ୍ତି ବିନା ଆସକ୍ତିରେ ଠାକୁର ଓ ଠାକୁରାଣୀ ପୂଜା ବିଧି ପ୍ରୟୋଗ। ଶିଖ ସବୁ ମଣିଷ ସମାଜ ନାରୀ ହେଉଛନ୍ତି ଦୁର୍ଗା, ପୁରୁଷ ରାକ୍ଷସ ପ୍ରକୃତି ହେଉଛି ମହିଷାସୁର।

+ଖୋର୍ଦ୍ଧା






## ଦେବୀ

କବି ବିପ୍ଳବ



ତାଙ୍କୁ ଏତେ ଅଜ୍ଞାନ ଭାବ
ନା ଲୋ ମା'
ନରମାୟା ନାରାୟଣଙ୍କୁ ଅଗୋଚର ପା
ସେମାନେ ସବୁ ଜାଣିଛନ୍ତି
ତୋ ହାତରେ ଖଣ୍ଡା, ଖର୍ପର କି
ତ୍ରିଶୂଳ ଯାହା ରହିଲେ ବି
ତୁ ହିଁ ଦୟାମୟୀ, କଲ୍ୟାଣମୟୀ
ହୃଦୟ ଭିତରେ ତୋର ବହୁଥାଏ
କରୁଣାର ନଈ ।
ସେଥିପାଇଁ ତ ସେମାନେ ଖେଳନ୍ତି
ତୋ ଦ୍ରର୍ଘ୍ୟ ପ୍ରସ୍ଥକୁ ନେଇ
ଆଇନର ଖେଳ
ନହେଲେ ତାଙ୍କୁ କି ଅଜଣା
ତୋ ମସ୍ତକ ଆକାଶ ଛୁଇଁଲେ
ପାଦ ଛୁଁ ଥାଏ ପାତାଳ !
ତୋ ନାଁ ରେ କେତେ ଯାତ୍ରା ମେଳଣ
ଚାନ୍ଦା, ମଦ,ମାଂସର ଭୋଜନ
ମହ ମହ ଅଗୁର ଚନ୍ଦନ ବାସ୍ନା ଭିତରେ
ମନ୍ତ୍ର ଉଚ୍ଚାରଣ
କି ଭକ୍ତ କି ଅଭକ୍ତ
ସବୁ ତୋ ପାଦ ତଳେ ଶରଣ ।
ନିଜକୁ ନିଜେ ଖୁସି ଦେବାରେ
ଯେତେ ସବୁ ବାହାନା
ତୋ ଭକ୍ତ ବୋଲି କିଏ କରେ
କୁମ୍ଭୀର କାନ୍ଦଣା
କିଏ ପୁଣି ତତେ ଦୟା କରି
ତୋ ପୂଜାକୁ
ଅନୁମତି ଦିଏ
ମନରେ ଭରି କେତେ ଅହଂ ଭାବନା।
ନା ତୁ କାହାକୁ ମାରୁ
ନା ମହିଷାସୁର ମରେ
ଏ ମାଟିକୁ ଯିଏ ଆସେ
କର୍ମଫଳ ଭୋଗି
ସିଏ ପୁଣି ଫେରେ
ତୁ ତ ଦୟାମୟୀ
ଥିଲୁ ଆଉ ଥିବୁ ସଦାବେଳେ ।

+ ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬



## ମାଆ ଦୁର୍ଗାଙ୍କ ବାଣୀ

କବିଜ୍ୟୋତି ନିରଞ୍ଜନ ପତି



ମୁହିଁ ଅଗ୍ନି ସମ୍ଭୁତା
ପୁଣି ସଭିଙ୍କ ମାତା
ସର୍ବ ଦେବଗଣ ମୋର ଆୟୁଧ ଦାତା।

ମୁହିଁ ସୀତା ସାବିତ୍ରୀ
ପୁଣି ସତୀ ପାର୍ବତୀ
କେବେ ଧନଦାତ୍ରୀ ଲକ୍ଷ୍ମୀ
ଜ୍ଞାନୀଭାରତୀ।

ପାପଭାର ବଢିଲେ
କିଛି ଅନୀତି ହେଲେ
ନର ଦେବଗଣ ମୋତେ ସ୍ତୁତି କରିଲେ।

ହୁଏ ମୁଁ ଆବିର୍ଭୂତା
ହଟେ ସବୁରି ଚିନ୍ତା
ସାହା ମୁହିଁ ହୋଇଥାଏ ଜଗତମାତା।

ଏଇ ଶରତ କାଳେ
ସୃଷ୍ଟି ଅସହ୍ୟ ବେଳେ
ବିନାଶିଲି ମହିଷାକୁ ମୋହିନୀ ବଳେ।

ଦଶଶିର ରାବଣ
ଏଇ ବେଳେ ମରଣ
ଦଶହରା ନାମ ହେଲା ଏଇକାରଣ।

କାଶତଣ୍ଡୀ କୁସୁମ
ଯା'ର ଶୋଭା ଅସୀମ
ଆବାହନକରେମୋତା ବେଗି ଆସମ।

ମୁହିଁ ଆସିଲି ଯେବେ
ଭୟ ନକର ତେବେ
କରୋନା ରାକ୍ଷସ ବଧ ହୋଇବ ଏବେ
ମୁହିଁ ସିଂହ ବାହିନୀ
ମୋକ୍ଷ ଶକ୍ତି ଦାୟିନୀ
ଘେନାକରିବି ତୁମର ଯେତେ ଦୟିନୀ।

+ ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ-୯୯୩୮୧୩୩୫୫୯



# ଜଗଜ୍ଜନନୀ

**ଜୟଶ୍ରୀ ପଟ୍ଟନାୟକ**



ଭାରତ ବର୍ଷରେ ପର୍ବ ପର୍ବାଣୀ ଆର୍ଯ୍ୟ ସଂସ୍କୃତିର ପ୍ରାଣ ସ୍ୱରୂପ। ବାର ମାସରେ ତେର ଯାତ ଏବଂ ଋତୁଚକ୍ରର ପରିବର୍ତ୍ତନ ମାନବ ଜୀବନରେ ଅନେକ ଆଧାତ୍ମିକ ମନୋଭାବ ଜାଗ୍ରତ କରାଏ। ଆମ ସଂସ୍କୃତିରେ ଶକ୍ତିପୂଜା ଖୁବ୍ ପ୍ରାଚୀନ । ଜୀବ ଓ ଜଡ ଜଗତର ପ୍ରତ୍ୟେକ୍ଷ ଓ ପରୋକ୍ଷ ବିକାଶର ମୂଳଉତ୍ସ ହେଉଛି ଶକ୍ତି । ଶରତ ସମ୍ଭାର ନେଇ ଶାରଦୀୟ ଉତ୍ସବରେ, କାଶତଣ୍ଡିର ଚଅଁର ମଧ୍ୟରେ ଆକାଶର ଧଳା ଧଳା ମେଘମାଳାର ପଟୁଆରରେ, ଗଙ୍ଗଶିଉଳି ଫୁଲର ମହକରେ, ପ୍ରକୃତିର ଶ୍ୟାମଳିମାରେ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସନ୍ତି ମା ଦୁର୍ଗା। ଭାରତରେ ଦୂର୍ଗାପୂଜା ଖୁବ୍ ପ୍ରାଚୀନ କାଳରୁ ହୋଇଥିଲା। ଭାରତୀୟ ଦର୍ଶନରେ ଆଦ୍ୟାଶକ୍ତି ପ୍ରକୃତି ରୂପିଣୀ। ମା' କହିଲେ ଜନ୍ମଦାତ୍ରୀ ଯିଏ ଜନ୍ମ ଦିଏ ଲାଳନ ପାଳନ କରେ ଆଉ ଜଣେ ମା' ହେଲେ ପରମ କଲ୍ୟାଣମୟୀ ମା'। ଯିଏ ଅମକୁ ବିପଦ ଆପଦରୁ ରକ୍ଷା କରନ୍ତି ତାଙ୍କର ଅପାର ଶକ୍ତି ବଳରେ । ମଣିଷ ଭିତରେ ଅଛି ଜୀବନୀ ଶକ୍ତି ମାନସିକ, ବୌଦ୍ଧିକ ଓ ଆଧାତ୍ମିକ ଶକ୍ତି। ମଣିଷର ମାନସିକ ଶକ୍ତିର ମୂଳ ହେଲା ଇଚ୍ଛା ଶକ୍ତି। ଏହି ମାନସିକ ଶକ୍ତିରୁ ଆସେ ମଣିଷର କଳ୍ପନା, ଉଦ୍ଭାବନା ଓ ସୃଜନ ଶକ୍ତି। ଆଦ୍ୟାଶକ୍ତି ହିଁ ସବୁ ଶକ୍ତିର ଆଧାର। ସେ ସର୍ବଂସହା, ସର୍ବ ଶକ୍ତିମୟୀ, ସତ୍ ଚିତ ଆନନ୍ଦ ମୟୀ। ଆମ ସଂସ୍କୃତିରେ ଶକ୍ତି ଉପାସନାର ମହନୀୟ ପରମ୍ପରା ମାନବ ଜାତିର କ୍ରମ ବିକାଶର ପରିଚାୟକ। ନିଖିଳ ବ୍ରହ୍ମାଣ୍ଡର ସୃଷ୍ଟି, ସ୍ଥିତି, ପ୍ରଳୟର ମୂଳ ଉତ୍ସ ହେଉଛନ୍ତି ମାତୃରୂପୀ ଶକ୍ତି। ନାରୀ ଯେ ଏହି ତ୍ରିଶକ୍ତିର ଅଧିକାରିଣୀ ଏହା ଅତିମାନବ ଅନୁଭବ କରିଥିଲା। ତେଣୁ କୁହାଯାଏ ପ୍ରାଗୈତିହାସିକ ଯୁଗରୁ ଭାରତବର୍ଷରେ ମହାଦେବୀଙ୍କ ପୂଜାର ଅୟମାରମ୍ଭ। ଶିବଙ୍କୁ ପଶୁପତି ରୂପେ ଆଖ୍ୟା ଦେଇ ତାଙ୍କ ସହ ଆଦିମାତାଙ୍କ ପୂଜାର ଅୟମାରମ୍ଭ। ଭାରତୀୟ ସଂସ୍କୃତିରେ ମାତୃପୂଜାର ପରମ୍ପରା ଯୁଗ ଯୁଗ ଧରି ପ୍ରଚଳିତ। ମା' ହେଉଛନ୍ତି ବିଷ୍ଣୁଙ୍କର ମାୟା ଶକ୍ତି। ଭାରତୀୟ ସଂସ୍କୃତିରେ ଦେବ ପୂଜା ଠାରୁ ଦେବୀ ପୂଜାର ପ୍ରାଧାନ୍ୟ ଅଧିକ। ପ୍ରାଚୀନ କାଳରୁ ଆମ ମୁନିଋଷି ମାନେ ଆଦ୍ୟାଶକ୍ତି ପରଂବ୍ରହ୍ମ ସ୍ୱରୂପିଣୀ ମହାମାୟା ଜଗଜ୍ଜନନୀଙ୍କ ଗୁରୁତ୍ୱ ଉପଲବଧି କରି ଶକ୍ତି ତତ୍ତ୍ୱର ଚିନ୍ତନ-ମନନ-ପୂଜନର ପରମ୍ପରା ପ୍ରତିଷ୍ଠିତ କରି ଯାଇଛନ୍ତି।

ଭାରତୀୟ ସଂସ୍କୃତିରେ ଶକ୍ତି ତିନି ଗୁଣ ଯଥା ସତ୍ତ୍ୱ, ରଜ ଓ ତମ। ରଜ ଗୁଣରେ ସୃଷ୍ଟି କରନ୍ତି, ସତ୍ତ୍ୱ ଗୁଣରେ ସ୍ଥିତି କରନ୍ତି, ତମ ଗୁଣରେ ସଂହାର କରନ୍ତି। ଭାରତୀୟ ସଂସ୍କୃତିରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏ ତିନି ଦେବତା ଯଥାକ୍ରମେ ତିନିଶକ୍ତିର ବୀଜ ସ୍ୱରୂପ । ତେଣୁ ଶକ୍ତି କହିଲେ ଏହି ତ୍ରିଶକ୍ତିଙ୍କ ସମ୍ମିଳିତ ରୂପ ଦୁର୍ଗାଙ୍କୁ ହିଁ ବୁଝାଏ। ଶକ୍ତି ଅର୍ଥ ବଳ । ଦୁର୍ଗା ଶବ୍ଦ ଦୁଇଟି ବିଶିଷ୍ଟ । ଦୁ କହିଲେ ପ୍ରଥମେ ଆସେ ଦ ଶବ୍ଦ ଯାହାର ଅର୍ଥ ଦମନ, ଦମ୍ଭ, ଦଣ୍ଡ ଦକ୍ଷିଣା, ଦର୍ଶନ ଉ କାର ଯୁକ୍ତ ହୋଇ ହୋଇଛି ଦୁ ଯାହାର ଅର୍ଥ ଦୁରାଚାର ଦାରିଦ୍ର୍ୟ ଭନୀ । ର ଅର୍ଥ ଅଗ୍ନିବୀଜ ଯାହା ଜଳାଇ ଶୁଦ୍ଧ କରେ । ଗ ଅର୍ଥ ଗଙ୍ଗା, ପାପନାଶିନୀ, ଅ ଅର୍ଥ ଅନ୍ୟାୟ , ଅତ୍ୟାଚାର, ଅଧର୍ମ, ସଂହାରକାରିଣୀ ଇତ୍ୟାଦି । ତେଣୁ ମା ହେଲେ ଦୁର୍ଗତିନାଶିନୀ । ଦୁର୍ଗା ଏକାଧାରରେ ବ୍ରାହ୍ମଣୀ, ବୈଷ୍ଣବୀ ଓ ଶୈବୀ। ତେଣୁ ଦୁର୍ଗା ଉପାସନା ସାର୍ବଜନୀନ। ସେ ସର୍ବତ୍ର ଶକ୍ତି ରୂପରେ ଅଧିଷ୍ଠିତ ଓ ପୂଜିତ। ସେ ସର୍ବବ୍ୟାପୀ। ସେଥିପାଇଁ କୁହାଯାଇଛି-

ଯା ଦେବୀ ସର୍ବଭୂତେଷୁ
ଶକ୍ତି ରୂପେଣ ସଂସ୍ଥିତା
ନମସ୍ତସୈ ନମସ୍ତସୈ ନମସ୍ତସୈ
ନମୋ ନମଃ।

ପୁରାଣ, ବେଦ, ଉପନିଷଦ ମାନଙ୍କରେ ଏହି ମହାଶକ୍ତିଙ୍କ ଆବିର୍ଭାବ ଭିନ୍ନ ଭିନ୍ନ ରୂପ ନେଇଥାଏ। ଶିବ ପୁରାଣ ଅନୁସାରେ ଦକ୍ଷ ପ୍ରଜାପତି ଏକ ମହାଯଜ୍ଞର ଆୟୋଜନ କରି ସେଥିରେ ସମସ୍ତ ଦେବତା ମୁନି ଋଷି ଓ ରାଜା ମହାରାଜା ମାନଙ୍କୁ ନିମନ୍ତ୍ରଣ କରିଥିଲେ ମଧ୍ୟ ନିଜର କନ୍ୟା ସତୀ ଓ ଜାମାତା ଦେବ ଦେବ ମହାଦେବଙ୍କୁ ଆମନ୍ତ୍ରଣ କରି ନଥିଲେ। ପିତାଙ୍କର ଏ ପ୍ରକାର କାର୍ଯ୍ୟଦ୍ୱାରା ଦୁଃଖରେ ମ୍ରିୟମାଣା ସତୀ ବିନା ନିମନ୍ତ୍ରଣରେ ଉକ୍ତ ଯଜ୍ଞସ୍ଥଳରେ ପହଂଚି ଶେଷରେ ନିଜ ପିତାଙ୍କ ଦ୍ୱାରା ଅପମାନିତ ହୋଇ ଏବଂ ପତିଙ୍କ ନିନ୍ଦା ଶ୍ରବଣ କରି ଉକ୍ତ ଯଜ୍ଞାନଳରେ ଆତ୍ମ ବିସର୍ଜନ କରିବା ନିମନ୍ତେ ବାଧ୍ୟ ହୋଇଥିଲେ। ସତୀଙ୍କର ଅର୍ଦ୍ଧଦଗ୍ଧ ଶରୀରକୁ ଧାରଣ କରି ଶିବ ପ୍ରଳୟ କାଳୀନ ତାଣ୍ଡବ ନୃତ୍ୟାରମ୍ଭ କରିଥିଲେ। ଶିବଙ୍କର ଏଭଳି ଉଦ୍ଦଣ୍ଡ ନୃତ୍ୟ ଦେଖି ଦେବତା ମାନେ ପ୍ରମାଦ ଗଣିବା ସହିତ ସତୀଙ୍କ ପ୍ରତି ଶିବଙ୍କର ଆସକ୍ତି ମୋଚନ ନିମିତ ବୈକୁଣ୍ଠ ନିବାସୀ ବିଷ୍ଣୁଙ୍କୁ ଆକୁଳ ନିବେଦନ କରିଥିଲେ। ସ୍ୱୟଂ ବିଷ୍ଣୁ ନିଜର ସୁଦର୍ଶନ ଚକ୍ର ଦ୍ୱାରା ସତୀଙ୍କ ଅଙ୍ଗ କୁ ଖଣ୍ଡ ଖଣ୍ଡ କରିବା ଦ୍ୱାରା ୫୧ ଟି ସ୍ଥାନରେ ସତୀଙ୍କ ଶରୀରାଂଶ ପଡିଥିଲା। ଯେଉଁ ଯେଉଁ ସ୍ଥାନରେ ପତିତ ହୋଇଥିଲା ତାହା ପରବର୍ତ୍ତୀ ସମୟରେ ଗୋଟିଏ ଗୋଟିଏ ଶାକ୍ତପୀଠ ରୂପେ ପରିଗଣିତ ହେଲା। ଯଥା

ବାଣପୁରେ ଭଗବତୀ ଶ୍ରୀକ୍ଷେତ୍ରେ
ବିମଳା, କାକଟପୁରେ ରହିଲୁ ନାମ ତୋ
ମଙ୍ଗଳା
ଝଙ୍କଡେ ଶାରଳା ନାମ ଅଟଇ
ତୋହର, ବିରଜାଇ ନାମେ ବିଜେ କରୁ
ଯାଜପୁରେ
ବାଙ୍କୀରେ ନାମ ତୋର ଅଟଇ
ଚର୍ଚ୍ଚିକାଇ, ସମ୍ବଲପୁରେ ନାମ ବହିଲୁ
ସମଲାଇ
ତାଳଚେରରେ ହିଙ୍ଗୁଳା ନାମ
ତୋର ମାଆ, ଏହିପରି ଖ୍ୟାତ ତୋର
ଆଠଗୋଟି ନାଆ।

ଏହି ସବୁ ଦେବୀ ପୀଠରେ କେଉଁଠି ଦେବୀ ଦ୍ୱିଭୂଜା ତ କେଉଁଠି ଷଡ଼ ଭୂଜା କେଉଁଠି ଦଶଭୂଜା ତ କେଉଁଠି ବାରଭୂଜା। କେଉଁଠି ଠାକୁରାଣୀ ପରମ ବୈଷ୍ଣବୀ ତ କେଉଁଠି କାତ୍ୟାୟିନୀ । କେଉଁଠି ନରମୁଣ୍ଡ ମାଳିନୀ ଓ ଶବରୁଢ଼ା କେଉଁଠି ଷୋଡଶୀ ତ କେଉଁଠି ତ୍ରିପୁରା ସୁନ୍ଦରୀ। ନିରାକାର ପରଂବ୍ରହ୍ମ ଭଗବାନ ସୃଷ୍ଟି ସର୍ଜନା ପାଇଁ ଯୋଗଦ୍ୱାରା ନିଜକୁ ଏକ ସୁନ୍ଦର ଅର୍ଦ୍ଧ ନାରୀଶ୍ୱର କଲେ ଯାର ଦକ୍ଷିଣ ଅଙ୍ଗରେ ପୁରୁଷ ଓ ବାମାଙ୍ଗ ରେ ନାରୀ। ଏହି ପ୍ରକୃତି ହେଉଛନ୍ତି ମହାମାୟା, ସନାତନ ଶକ୍ତି ଜଗଜ୍ଜନନୀ ବା ସମଗ୍ର ସୃଷ୍ଟିର ମାତୃଶକ୍ତି। ଶ୍ରୀ ଜଗନ୍ନାଥଙ୍କୁ ଯେପରି ଆମେ ଦାରୁବ୍ରହ୍ମ କହୁ ସେହିପରି ଆଦିମାତା ମାହେଶ୍ୱରୀ ଉମାଦେବୀଙ୍କୁ ବ୍ରହ୍ମ ଭାବରେ ଉପାସନା କରାଯାଏ। ମାତୃକାୟା ଓ ମହାବିଦ୍ୟା ଶକ୍ତି ବ୍ରହ୍ମ ସହ ଯୁକ୍ତ ହୋଇ ସରସ୍ୱତୀ, ଶିବ ସହ ଯୁକ୍ତ ହୋଇ ଶିବ ଶକ୍ତି, ବିଷ୍ଣୁ ସହ ଲକ୍ଷ୍ମୀ ଭାବରେ ପରିଚିତ। ମାତୃଶକ୍ତି ସ୍ୱରୂପ ଦୃଷ୍ଟିରୁ ୪ ଭାଗରେ ବିଭକ୍ତ କରାଯାଇଛି। ୧ ମାହେଶ୍ୱରୀ ୨, ମହାକାଳୀ ୩, ମହାଲକ୍ଷ୍ମୀ ୪, ମହା ସରସ୍ୱତୀ। ମାହେଶ୍ୱରୀ ଅନନ୍ତ ଶକ୍ତିର ପ୍ରତୀକ ଶିବଙ୍କର ଅସ୍ତିତ୍ୱ। ମହାକାଳୀ- ପୃଥିବୀ ଉପରେ ଯେମିତି ଅନ୍ଧାର, ଆଲୁଅ, ସୁଖ, ଦୁଃଖ, ଭଲ, ମନ୍ଦ ରହିଛି। ଆସୁରିକ ଶକ୍ତି ପ୍ରଭାବରେ ଯେତେବେଳେ ସଂସାରରେ ଅନ୍ୟାୟ, ଅନୀତି, ଅତ୍ୟାଚାର,ଭ୍ରଷ୍ଟାଚାର, ଦୁର୍ବଳ ଉପରେ ସବଳର ଅତ୍ୟାଚାର ବଢ଼େ। ସେତେବେଳେ ସଂସାରରେ ଦୁଷ୍କୃତି ବଢ଼ିଥାଏ। ଏହି ଦୁଷ୍କୃତିର ବିନାଶ ପାଇଁ ମହାଶକ୍ତି ମହାକାଳୀ ରୂପ ନେଇଥାନ୍ତି। ମହାଲକ୍ଷ୍ମୀ- ମହାଲକ୍ଷ୍ମୀ ସମଗ୍ର ପୃଥିବୀର ଧନ, ରୂପ, ବିଭବ, ଆନନ୍ଦର ଅଧିକାରିଣୀ ମହାଲକ୍ଷ୍ମୀ ସାତ୍ୱିକ ଗୁଣ ସମ୍ପନ୍ନା। ମହା ସରସ୍ୱତୀ- ସମସ୍ତ କଳା, ସଙ୍ଗୀତ, ସାହିତ୍ୟ ଭିତରେ ମହା ସରସ୍ୱତୀ ହିଁ ବାକ୍‌ଦେବୀ ବା ଜ୍ଞାନର ଦେବୀ। ତେଣୁ ସଂସାରରେ ବିଶ୍ୱ ଜନନୀ ପ୍ରକୃତି ରୂପା ମାତୃଶକ୍ତିଙ୍କ ବ୍ୟତୀତ ଅନ୍ୟ କିଛି ନାହିଁ। ଜଗତଜନନୀ ମା' ସୃଷ୍ଟି, ସ୍ଥିତି, ଧ୍ୱଂସର କେନ୍ଦ୍ରବିନ୍ଦୁ। ସୃଷ୍ଟିର ଆଦ୍ୟକାଳରୁ ସେ କଲ୍ୟାଣମୟୀ, ବୀଣା ଧାରିଣୀ ତାମସୀ ରୂପରେ ସର୍ବତ୍ର ଉପାସିତା।

ମାର୍କଣ୍ଡେୟ ପୁରାଣ ଅନୁସାରେ ଦୁର୍ଗା ଶୁଦ୍ଧଚିତ। ସେ ଶିବଙ୍କର ଶକ୍ତି, ବିଷ୍ଣୁଙ୍କର ମାୟା। ସେ ବୈଷ୍ଣବୀ ସେ ଶଙ୍କରୀ। ସେ ସୃଷ୍ଟି, ସେ ପ୍ରଳୟକାରିଣୀ। ଉପନିଷଦ ଅନୁଯାୟୀ ସେ ବ୍ରହ୍ମ ସ୍ୱରୂପିଣୀ ଜଗତ ସୃଷ୍ଟିର ମୂଳ କାରଣ। ମାର୍କଣ୍ଡେୟ ପୁରାଣ ଅନୁସାରେ ଚେଦି ରାଜବଂଶର ରାଜା ସୁରଥ ଦୁର୍ଗାପୂଜା ଆରମ୍ଭ କରିଥିଲେ। ରାଜା ସୁରଥ ଓ ସମାଧି ବୈଶ୍ୟ ନିଜ ପରିବାରର ସଦସ୍ୟ ମାନଙ୍କ ଦ୍ୱାରା ବିତାଡିତ ହୋଇ ଅରଣ୍ୟଗାମୀ ହେଲେ। ଅରଣ୍ୟରେ ମେଧା ଋଷିଙ୍କ ପରାମର୍ଶ ଅନୁଯାୟୀ ମା' ଙ୍କ ଶରଣାପନ୍ନ ହୋଇ ଦୁର୍ଗାପୂଜା ଆରମ୍ଭ କଲେ। ଲଙ୍କାଧିପତି ତ୍ରି-ଭୂବନ ବିଜୟୀ ମହାପ୍ରତାପୀ ରାବଣକୁ ବଧ କରିବା ପାଇଁ ରଘୁ କୁଳ ତିଳକ ଭଗବାନ ଶ୍ରୀ ରାମଚନ୍ଦ୍ର ଶରତକାଳରେ ଏହି ପୂଜା ଉତ୍ସବର ଆୟୋଜନ କରିଥିଲେ ବୋଲି ପୌରାଣିକ ଆଖ୍ୟାନ ରହିଛି। ସେ ମାତୃଶକ୍ତି କନକଦୁର୍ଗାଙ୍କ ସ୍ତୁତି କରି ରାବଣର ନିଧନ ଉଦ୍ଦେଶ୍ୟରେ ଲଙ୍କା ଅଭିମୁଖେ ଯାତ୍ରା କରିଥିବାରୁ ଏହି ବିଧିକୁ ଅକାଳବୋଧନୀ ବା ବିଜୟାଦଶମୀ କୁହାଯାଏ। ମହାଭାରତର ଭୀଷ୍ମ ପର୍ବରେ ଅର୍ଜୁନ ତାଙ୍କର ପ୍ରତିପକ୍ଷକୁ ପରାସ୍ତ କରିବା ପାଇଁ ଶକ୍ତିରୂପିଣୀ ମା ଦୁର୍ଗାଙ୍କର ପୂଜା ଆରମ୍ଭ କରିଥିଲେ। ଦେବାସୁର ସମରରେ ମହିଷାସୁର ବିଜୟୀ ହେବା ଫଳରେ ସମଗ୍ର ଅମରାବତୀ ମହିଷାର ଆୟତାଧୀନ ହୋଇଥିଲା। ସମସ୍ତ ଦେବଗଣ ସ୍ୱର୍ଗପୁରୀରୁ ବିତାଡିତ ହୋଇ ଦେବ ଦେବ ମହାଦେବ ଓ ବିଷ୍ଣୁ ସମୀପରେ ଉପଗତ ହୁଅନ୍ତି। ମହିଷାସୁରର ଏତାଦୃଶ କାର୍ଯ୍ୟକଳାପ ଶ୍ରବଣ କରି ଯୋଗାଧିରାଜ ଶିବ ଓ ବିଷ୍ଣୁ ଏବଂ ମହେଶ୍ୱରଙ୍କ ପବିତ୍ର ଶରୀରରୁ ଉଗ୍ର ତେଜ ନିଃସୃତ ହୁଏ। ସମସ୍ତ ତେଜ ରଶ୍ମିର ଏକୀଭୂତ ସତା ହିଁ ମହିୟସୀ ଦେବୀ ମା ଦୁର୍ଗା। ତାଙ୍କ ଦ୍ୱାରା ମହିଷାସୁର ବିନାଶ ହେଲା। ତାହା ଥିଲା ଦୁର୍ଗା ବା ସମନ୍ୱିତ ଶକ୍ତି। କୌଣସି ଶତ୍ରୁର ମୁକାବଲା ପାଇଁ ୪ ଟି ବୃହତ୍ ଶକ୍ତିକୁ ଏକତ୍ରିତ କରିବାକୁ ହୁଏ। ଗଣଶକ୍ତି, ଜ୍ଞାନଶକ୍ତି, କ୍ଷାତ୍ରଶକ୍ତି ଓ ଧନଶକ୍ତି ସେମାନେ ହେଲେ ଗଣପତି, ସରସ୍ୱତୀ, ମହାଲକ୍ଷ୍ମୀ, କାର୍ତ୍ତିକେୟ।

ଦେବୀ ଦୁର୍ଗମ ନାମକ ଅସୁରକୁ ବିନାଶ କରି ଦୁର୍ଗା ନାମ ଧାରଣ କରିଥିଲେ। ମହିଷାସୁରକୁ ମର୍ଦ୍ଦନ କରିଥିବାରୁ ମହିଷା ମର୍ଦ୍ଦିନୀ। ମାତୃ ରୂପେ ଜଗଦୟା, ବୃଦ୍ଧା ରୂପରେ ଜଗଦ୍ଧାତ୍ରୀ ସେ ଲୀଳାମୟୀ, ଚିନ୍ମୟୀ, ସତ୍‌ଜନମୟୀ, ସଂହାରମୟୀ। ମହାଶକ୍ତି ଦୁର୍ଗା ସକଳ ସୃଷ୍ଟିର କର୍ତ୍ତା । ସେ ଜ୍ଞାନ ଦାୟିନୀ ମହା ସରସ୍ୱତୀ, ସେ ଐଶ୍ୱର୍ଯ୍ୟ ପ୍ରଦାୟିନୀ ମହାଲକ୍ଷ୍ମୀ, ସେ ଧ୍ୱଂସ କାରିଣୀ ମହାକାଳୀ। ଏହି ତ୍ରିବିଧ ସଂରଚନାକୁ ଏକତ୍ର କରି ମହାଶକ୍ତି ସମଗ୍ର ବିଶ୍ୱରେ ବିଦ୍ୟମାନ। ଦୁର୍ଗାପୂଜା କେବଳ ଶକ୍ତିର ଉଦ୍‌ବୋଧନ ନୁହେଁ ନିଜ ଭିତରେ ନିହିତ ଥିବା ପରମ ଶକ୍ତିର ଆବାହନ।

ଉପାସନାର ପ୍ରକୃତ ଅର୍ଥ ଅନ୍ତର୍ଚେତନାକୁ ବିକଶିତ କରିବା । ମାନବିକତା, ପାଶବିକତା ଦୁଇଟି ପ୍ରବୃତି ମଣିଷର ଅନ୍ତରାଜ୍ୟରେ ବିରାଜମାନ। ମା' ଯୁଗେ ଯୁଗେ ହସ୍ତରେ ଚକ୍ର, ଗଦା, ଖଡ୍ଗ, ଢ଼ାଲ, ବାଣ ଓ ଧନୁ ଇତ୍ୟାଦି ଅସ୍ତ୍ର ଏବଂ ମୁକୁଟରେ ଚନ୍ଦ୍ରମାକୁ ଧାରଣ କରି ମଣିଷର ପାଶବିକତାକୁ ଦମନ କରି ଦିବ୍ୟ ରୂପରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ଦେବୀଙ୍କ ଆବିର୍ଭାବ ଯୋଗୁଁ ଦୁଷ୍ଟଜନ ମାନେ ବିନାଶ ହେବା ସହ ସଜ୍ଜନ ମାନେ ସୃଷ୍ଟିରେ ବିହରଣ କରିବାକୁ ସମର୍ଥ ହୋଇଥାନ୍ତି। ଦୁର୍ଗା ପୂଜା ବର୍ଷରେ ଦୁଇଟି ସମୟରେ ହୁଏ ଗୋଟିଏ ବସନ୍ତ ଋତୁରେ ବାସନ୍ତିକ ଦୁର୍ଗାପୂଜା ଶରତରେ ହେଉଥିବା ପୂଜା ଶାରଦୀୟ । ଏହି ପୂଜା ଆଶ୍ୱିନ କୃଷ୍ଣ ମୂଳାଷ୍ଟମୀରୁ ଆଶ୍ୱିନ ଶୁକ୍ଳ ମହାଷ୍ଟମୀ ପର୍ଯ୍ୟନ୍ତ ଷୋହଳ ଦିବସ ବ୍ୟାପୀ ପୂଜା ହୁଏ । ଏହାକୁ ମହାପାର୍ବଣ କୁହାଯାଏ । ଶ୍ରୀ ରାମଚନ୍ଦ୍ର ଶରତକାଳୀନ ଦୁର୍ଗାଦେବୀଙ୍କୁ ଉପାସନା କରିଥିବାର ଉଲ୍ଲେଖ ରହିଥିବାରୁ ଏହାକୁ ଅକାଳବୋଧନ ବା ବିଜୟା ଦଶମୀ କୁହାଯାଇଛି । ଶାରଦୀୟ ମହାପୂଜା ଅବସରରେ ମୃଣ୍ମୟୀ ମହିଷାମର୍ଦ୍ଦିନୀ ଦୁର୍ଗା ବିଗ୍ରହଙ୍କ ପୂଜାସବ ସବୁଠାରେ ଆଶ୍ୱିନ ମାସ ଶୁକ୍ଳ ଷଷ୍ଠୀଠାରୁ ଦଶହରା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ। ମାତ୍ର ପୀଠ ମାନଙ୍କରେ ଆର୍ଦ୍ରା ନକ୍ଷତ୍ରଯୁକ୍ତା ଆଶ୍ୱିନ କୃଷ୍ଣାଷ୍ଟମୀ ଠାରୁ ପୀଠ ଦେବୀଙ୍କର ମହାପୂଜା ଆରମ୍ଭ ହୋଇ ପୂର୍ବାଷାଢ଼ା ନକ୍ଷତ୍ର ଯୁକ୍ତା ଆଶ୍ୱିନ ଶୁକ୍ଳ ବିଜୟା ଦଶମୀରେ ବିଜୟୋତ୍ସବ ସଂପାଦିତ ହୋଇ ଦେବୀଙ୍କର ବିସର୍ଜନ ପ୍ରକ୍ରିୟା ମାଧ୍ୟମରେ ଷୋଡଷାହ ଦିବସ ବ୍ୟାପିନୀ ମହାପୂଜା ଉଦ୍‌ଯାପିତ ହୋଇଥାଏ।

ହିନ୍ଦୁଧର୍ମରେ ଶକ୍ତିପୂଜାର ଆରାଧନା, ଉପାସନା ସଂସ୍କୃତିର ପ୍ରାରମ୍ଭରୁ ପ୍ରଚଳିତ। ଶାରଦୀୟ ଦୁର୍ଗାପୂଜା ଆମ ସଂସ୍କୃତିର ପ୍ରାଣ ଭକ୍ତି ଓ ଶକ୍ତିର ଅପୂର୍ବ ଐକ୍ୟତାନ। ଭାରତର ଚତୁର୍ଦ୍ଦିଗରେ ଦେବୀଙ୍କର ପୀଠ ବିଦ୍ୟମାନ। ଉତର ଭାରତରେ (ଜମ୍ମୁ କଶ୍ମୀର), ବୈଷ୍ଣବୀ, ବୈଷ୍ଣୋଦେବୀ, ପୂର୍ବରେ ସର୍ବକାମ ବରପ୍ରଦା କାମାକ୍ଷା ଦେବୀ (ଆସାମ), ପଶ୍ଚିମରେ ଅମ୍ବାମାତା ଅମ୍ବିକା(ଗୁଜୁରାଟ), ଦକ୍ଷିଣରେ କନ୍ୟକା (କନ୍ୟାକୁମାରୀ) ପୀଠ ରହିଛି। ଶକ୍ତିକୁ ତ୍ୟାଗ କଲେ ଶିବ ଶବରେ ପରିଣତ ହୁଅନ୍ତି। ଶକ୍ତିଙ୍କ ଇଚ୍ଛାରେ ଏହି ଚରାଚର ବ୍ରହ୍ମାଣ୍ଡର ସୃଷ୍ଟି ସଂହାର ଓ ପାଳନ କାର୍ଯ୍ୟ ହୋଇଥାଏ। ବ୍ରହ୍ମ, ରୁଦ୍ର, ବିଷ୍ଣୁ, ଇନ୍ଦ୍ର, ଅଗ୍ନି, ସୂର୍ଯ୍ୟ, ବରୁଣ ଶକ୍ତିଯୁକ୍ତ ହୋଇ କାର୍ଯ୍ୟ କରନ୍ତି। ମହାଶକ୍ତିଙ୍କ ଯୋଗୁଁ ଜଗତ ତିଷ୍ଠି ରହିଛି। ଶକ୍ତିଙ୍କ ସାମାନ୍ୟ ବ୍ୟତିକ୍ରମରେ ସୁନାମୀ ବା ମହାବାତ୍ୟାର ତାଣ୍ଡବ, ଭୂକମ୍ପ, ଭୂସ୍ଖଳନ, ପ୍ରକୋପ, ଅଗ୍ନିର ଲେଲିହାନ ତେଜରେ ଜଳିଉଠେ ସଂସାର। ଦେବୀଙ୍କୁ ଯିଏ ଯାହା ପ୍ରାର୍ଥନା କରେ ମାତା ରୂପରେ ଦେବୀ ଧର୍ମ, ଅର୍ଥ, କାମ, ମୋକ୍ଷାଦି ପ୍ରଦାନ କରିଥାନ୍ତି। ମନୁଷ୍ୟ ମନରେ ସତ୍ତ୍ୱ, ରଜ, ତମ, ଗୁଣକୁ ଆଶ୍ରୟକରି ବିଭିନ୍ନ ପ୍ରକାର ବିକାର ସୃଷ୍ଟି ହୋଇଥାଏ। ସତ୍ତ୍ୱ ଗୁଣର ପ୍ରାଧାନ୍ୟରେ ଭଗବତ୍ ପ୍ରାପ୍ତିର ତୃଷ୍ଣା ବଢ଼େ। ରଜ ଗୁଣର ପ୍ରାଧାନ୍ୟରେ ଭଗବତ୍ ପ୍ରାପ୍ତିର ତୃଷ୍ଣା ବଢ଼େ ଏବଂ ତାମସିକ ଗୁଣର ପ୍ରାବଲ୍ୟରେ ଗର୍ବ, ହିଂସା, କାମ କ୍ରୋଧ, ବିଦ୍ୱେଷ ମନୁଷ୍ୟକୁ ଆସୁରୀ ପ୍ରକୃତି ପ୍ରବଣ କରିଦିଅନ୍ତି। ସେଗୁଡିକର ପ୍ରଭାବରେ ବିବେକ, ବୁଦ୍ଧି, ବିଚାର ଶକ୍ତି ପରାଜିତ ହୋଇ ପଶୁ ପ୍ରକୃତିର ଅଭିବୃଦ୍ଧି ଘଟେ। ଏହି ଆସୁରୀ ଗୁଣ ଗୁଡିକ ହିଁ ଶୁମ୍ଭ, ନିଶୁମ୍ଭ, ରକ୍ତବୀଜ, ମହିଷାସୁର ପରି ଜୀବନକୁ ଧ୍ୱସ୍ତ ବିଧ୍ୱସ୍ତ କରିଦିଅନ୍ତି। ତେଣୁ ପୂଜା ଉପାସନା ମାଧ୍ୟମରେ ମନକୁ ଏକାଗ୍ରତାରେ ରଖି ଏହି ସବୁ କୁପ୍ରବୃତିକୁ ମନରୁ ଦୂରେଇଦେବା ବିଧେୟ। ମାନବଠାରୁ କୀଟ ପର୍ଯ୍ୟନ୍ତ ସଭିଙ୍କ ମନରେ ଭକ୍ତି ସ୍ରୋତର ପ୍ରବାହକୁ ବୁହାଇବା ଦରକାର। ସବୁରି କଂଠେ ମା ଙ୍କର ସେହି ଆବାହନୀ ଗୀତକୁ ଗାଇବା ଉଚିତ।

\+ ଗଙ୍ଗନଗର ସ୍କୋୟାର, ଭୁବନେଶ୍ୱର, (ମୋ)୭୯୭୮୧୧୦୪୭୪

## ଅବତରି ଆସ ମା'

**ରତ୍ନକାନ୍ତି ମିଶ୍ର**

ପୁନର୍ଜନ୍ମ ପାଇଲେଣି
ନିଷ୍ପ୍ରଭ ସ୍ୱପ୍ନମାନେ
ଯେଉଁଠି ଦୃଶ୍ୟମାନ ଥିଲା
ଅସହାୟତାର ପାଦ ଚିହ୍ନ
ସେଠି ଏବେ ପଡିଲାଣି
ପ୍ରସନ୍ନତାର ସୂର୍ଯ୍ୟୋଦୟ
ଉଚ୍ଚସ୍ୱରେ ଶୁଭିଲାଣି ଆବାହନୀ ମନ୍ତ୍ର
ହୃଦୟ ବି ପୁଲକିତ
ଅପୂର୍ବ ରାଗରେ...!

ଜୀବନ ଉଦ୍ୟାନରେ
ନବ ପ୍ରତ୍ୟୟ ଏବେ ସଂଚରିତ
ଚେତନାର ଅବରୁଦ୍ଧ ଦ୍ୱାର ଦେଇ
ସିନ୍ଦୂରା ଫିଟି ଆସିଲାଣି
ଉଜ୍ଜୀବିତ କେତେ ଆଶାର ଆଲୋକ
ସମ୍ଭାବନାର ସବୁଜିମା ଜମାଟ
ବାନ୍ଧୁଛି
ପ୍ରୀତିମୟ ଧୂନ୍ ଟିଏ ଗୁଞ୍ଜରିତ ଏବେ
ଅନ୍ତରରୁ ଅନ୍ତରୀକ୍ଷ ଯାଏଁ...

ଶିଶିର ବିନ୍ଦୁ ଜମାଟ ବାନ୍ଧିଲେଣି
ଫୁଲ ପାଖୁଡ଼ାରେ
ପକ୍ଷୀମାନେ ଗାଇଲେଣି
ଅଶିଣ ସଂଗୀତ
ଦୀପ୍ତିମାନ ଦିଶିଲେଣି ନକ୍ଷତ୍ରଗଣ
ସ୍ୱଚ୍ଛ ନୀଳ ଆକାଶ ଛାତିରେ
ଏବେ ତୁମେ ଧରାବତରଣ କର
ମା' ଦୁର୍ଗା ଦୁର୍ଗତିନାଶିନୀ
ଶକ୍ତିମୟୀ ଆତ୍ମସ୍ୱରୁପିଣୀ
ତ୍ରିଶୂଳରେ ନାଶ କର ଅନ୍ୟାୟ
ମହିଷା
କ୍ରୋଧ ହିଂସା ଅହଂର ହେଉ
ଅବସାନ
ତେଜୋମୟ ଔଜଲ୍ୟରେ
ଭରିଦିଅ ମା'
ଏ ଧରାରେ ଯେତେ ଶୂନ୍ୟସ୍ଥାନ....

\+ ଆଳି, କେନ୍ଦ୍ରାପଡା

# ନବରାତ୍ରୀର ନବ ଦୁର୍ଗା

## ନବରାତ୍ରୀର ସପ୍ତମ ଦିନ - ମା' କାଳରାତ୍ରୀ



**ସୁଷମା ପରିଜା**

ନବରାତ୍ରୀ ର ସପ୍ତମେ ଦେବୀ କାଳରାତ୍ରୀ ରୂପ
ଅବତୀର୍ଣ୍ଣ ଘୋରରୂପେ ନାଶିବା ପାଇଁ ସନ୍ତାପ ।।
ଗର୍ଦ୍ଦବଆରୁଢା ମୁଣ୍ଡମାଳା ବ୍ୟାଘ୍ରଚର୍ମ ପରିହିତା
ସାଧନେ ରିଦ୍ଧିସିଦ୍ଧି ଦାତ୍ରୀ ଦେବୀ ତନ୍ତ୍ରରେ ପୂଜିତା ।।
ଚତୁର୍ଭୁଜା ମା' ଦକ୍ଷିଣେ ଅଭୟ,ବରଦ ମୁଦ୍ରା
ବାମ ଭୁଜ ଦ୍ୱୟେ ଖଡଗ , ଲୌହକିଳକ ଧୃତା ।।
ଘୋର ଦ୍ରଷ୍ଟା, କ୍ରୋଧଶୀଳା ଦୁଷ୍ଟ ବିନାଶକାରିଣୀ
ସାଧୁସନ୍ଥ ଜନଙ୍କର ସେ ଯେ ମଙ୍ଗଳ କାରେଣୀ ।।
କୃଷ୍ଣ ବର୍ଣ୍ଣା ଚକ୍ରାକୃତି ତ୍ରିନୟନୀ ମୁଖୁଁ ଅଗ୍ନି ବର୍ଷେ
କ୍ରୋଧାନ୍ୱିତା, ମୁକ୍ତକେଶା ସେ ଶୁମ୍ଭ ନିଶୁମ୍ଭ ନାଶେ।।
ରକ୍ତବୀର୍ଯ୍ୟ ରକ୍ତପାନେ ଦେବୀ ମେ ।ଇଲେ ତୃଷା
ଉନ୍ମ ନୃତ୍ୟରତା ଦେବୀ ଭୟଙ୍କରୀ ଖରଶ୍ୱାସା ।।
ଚାମୁଣ୍ଡା ମନ୍ତ୍ରେ ପୂଜିତା ଦେବୀ ଗୁଡ ଭୋଗ ପ୍ରିୟା
ବ୍ରାହ୍ମଣେ ଭୋଜନ ଦାନ ରେ ଦେବୀ ହୁଅନ୍ତି ସଦୟା ।।
ଦୁଷ୍ଟ ନିବାରିଣୀ ଶୁମ୍ଭନିଶୁମ୍ଭାଦି ଦନୁଜ ଦଳିନୀ
କୃପା ଦୃଷ୍ଟି ରଖିଥିବ ମା' ଗୋ କରୁଛି ଦୟିନୀ ।।



## ନବରାତ୍ରୀ ର ଅଷ୍ଟମ ଦିନ- ଦେବୀ ମହାଗୌରୀ

ନବରାତ୍ରୀ ଅଷ୍ଟମ ରେ ମା' ମହାଗୌରୀ ରୂପିଣୀ
ଶୁଭ୍ରାଂଗୀ ସୌମ୍ୟା ମନୋବାଞ୍ଛିତ ବରଦାୟିନୀ ।।
ଶୁଭ୍ର ବସ୍ତ୍ରା ,ଆରୁଢା ସେ ଶୁଭ୍ର ବୃଷଭ ବାହନେ
ପରମ ବୈଷ୍ଣବୀ , ଚତୁର୍ଭୁଜା ପ୍ରସନ୍ନ ବଦନେ ।।
ଦକ୍ଷିଣ ହସ୍ତେକ ତ୍ରୀଶୂଳ ଆରେକ ଅଭୟ ମୁଦ୍ରା
ବାମ ହସ୍ତେକରେ ଡମ୍ବରୁ ଆନ ବରଦ ମୁଦ୍ରା ।।
ଅର୍ଘ୍ୟ ମହାଗୌରୀ ଙ୍କର ପ୍ରିୟ ଅଟେ ନାରିକେଳ
ସୁଗନ୍ଧ ଅତର ଦାନେ ଦ୍ୟନ୍ତି କୋଟି ପୁଣ୍ୟଫଳ ।।
ରାହୁଦୋଷ ନାଶି ଆୟୁ, ଯଶ, ସମୃଦ୍ଧି ଦିଅନ୍ତି
ଶ୍ରୀମହାଗୌରୀ ଚରଣେ ମୁହିଁ କରୁଛି ପ୍ରଣତି ।।



## ନବରାତ୍ରୀର ଶେଷଦିନ- ମାଆ ସିଦ୍ଧିଦାତ୍ରୀ

ନବରାତ୍ରୀ ଶେଷଦିନେ ଦେବୀ ସିଦ୍ଧିଦାତ୍ରୀ ରୂପ
ସର୍ବସିଦ୍ଧିପ୍ରଦା, ଭବ୍ୟା , ବିଶ୍ୱ କଲ୍ୟାଣୀ ସ୍ୱରୂପ ।।
ଅଣିମା, ମହିମା ,ଗରିମା,ଲାଘିମା, , ପ୍ରାକାମ୍ୟ,
ଈଶିତ୍ୱ, ବଶିତ୍ୱ ପ୍ରାପ୍ତି, ଅଷ୍ଟସିଦ୍ଧି କରନ୍ତି ପ୍ରଦାନ ।।
କମଳାସନେ ସ୍ଥିତା ସେ ସିଂହବାହନେ ଆସୀନା
କ୍ଷିପ୍ରା ଚତୁର୍ଭୁଜା ଦେବୀ ରକ୍ତଲୋହିତ ବସନା ।।
ଦକ୍ଷିଣ ହସ୍ତ ଏକ ରେ ଗଦା , ଚକ୍ର ଆରେକ ରେ
ଶଙ୍ଖ , ବିକଚ କମଳ , ଦୁଇ ଶୋଭା ବାମ କରେ ।।
ଶିବ ଙ୍କ ଆରାଧନା ରେ ସିଦ୍ଧିଦାତ୍ରୀ ହୋଇ ତୋଷ
କରିଥିଲେ ସେ ଶିବ ବାମ ଅଂଗରେ ପ୍ରବେଶ ।।
ତେଣୁ ଶିବ ଅର୍ଦ୍ଧନାରୀଶ୍ୱର ରୂପ ରେ ପ୍ରକାଶ
ଦେବୀ ପୁରାଣ କଥା ଏ ସର୍ବଜନଙ୍କ ବିଶ୍ୱାସ ।।
କୁମାରୀ କନ୍ୟା ପୂଜନେ ମାତା ହୁଅନ୍ତି ଯେ ପ୍ରୀତ
ଆୟୁ ବିଦ୍ୟା ଯଶ ଦେଇଥାନ୍ତି ଐଶ୍ୱର୍ଯ୍ୟ ସହିତ ।।



\+ଶାରଳା ଭବନ ପୋତାପୋଖରୀ
ନୂଆବଜାର, କଟକ

## ଦୁର୍ଗତି ନାଶିନୀ

**ସୁଦର୍ଶନ ମହାପାତ୍ର**

ସେବାରେ ଭକ୍ତିରେ ଭାବ ଆସକ୍ତିରେ
ବିରାଜ ଆଜି ମା' ଏ ପୁଣ୍ୟ ତିଥିରେ

କୁକର୍ମ କୁମତି ଆସୁରିକ ଶକ୍ତି
ନିଧନ କର ମା ପାପୀ ପାଉ ମୁକ୍ତି

ନିରାଶା ଅନ୍ଧାରେ ତୁହି
ମା'ଗୋ ଜ୍ୟୋତି
ଏ ଧରା ଧାମରେ ଆଣିଦିଅ ଶାନ୍ତି

ଦୁର୍ଗତି ନାଶିନୀ ମା' ଅଗ୍ନି ସମ୍ଭୂତା

ମହିଷାମର୍ଦ୍ଦିନୀ ତୁ ଅପରାଜିତା

ଆପଦର ସାଥୀ ବିପଦେ ସାରଥୀ
ସାହା ଏକା ସିନା ତୁ ମା ଭଗବତୀ

ଭଜନେ ଭାରତୀ ଶ୍ରବଣେ ତୁ ଶ୍ରୁତି
ସଚରାଚରେ ମା ତୁହି ଆଦି ଶକ୍ତି

ପ୍ରାଣ ପୁଲକିତ ପ୍ରଶାନ୍ତ ପ୍ରକୃତି
ବିଜେ ଧରା ପୃଷ୍ଠେ ଜଗତର ଧାତ୍ରୀ

ସବୁରି ଅନ୍ତରେ ଭରିଦିଅ ପ୍ରୀତି
ମାତା ଦଶଭୁଜା କରୁ ତବ ସ୍ତୁତି

\+ କୁଞ୍ଜବିହାରୀ ଲେନ, କଟକ

## ମାହେନ୍ଦ୍ରବେଳା

**ପ୍ରଶାନ୍ତ କୁମାର ଦାଶ**

ତୁ ଆସିଲେ କାଶତଣ୍ଡି ହସେ
ଆହୁରି ନିର୍ମଳ ଦିଶେ ଶରତର ଆକାଶ,
ମୁଁ ଦେବୀ ନୁହେଁ ମା, ଦେବୀ ମହାପାତ୍ର
ଏକ୍ଲା ଯେବେ ସଂଧ୍ୟାରେ
ଘରକୁ ଲେଉଟେ
ମୋ ମନର ନଈପଠାରେ ଭୟର
କାଶତଣ୍ଡି ଫି' ଦିନ ଫୁଟେ
ଅନ୍ଧାରର ଶିରାଳ ହାତ ମୋ ଆଡକୁ
ଆସୁଥାଏ ଲହଁପି
ମୁଣ୍ଡ ଉପରର ଆକାଶରେ କଳା କଳା
ମେଘ ଛାଇଯାଏ ।।

ତୋ ଆଉ ମୋ ଭିତରେ ଫରକ୍
ଆକାଶ ଓ ପାତାଳର, ତୁ
ଘଣ୍ଟ ଘଣ୍ଟା, ଧୂପ, ଆଳତୀରେ
ବିଭୋରଥିବା ରକ୍ତମୁଖା ଦେବୀଟିଏ,
ସୁଖ- ଦୁଃଖର ମଝିରେ ଠିଆ ହୋଇ
ନିଜ ଅସ୍ତିତ୍ୱକୁ ନିଇତି ଅଣ୍ଡାଳୁଥିବା
ମୁଁ ରକ୍ତମାଂସରେ ଗଢା
ଦେବୀ ମହାପାତ୍ର ।।

ତୁ ଅସ୍ତ୍ର ଧରି କାଟିପାରୁ ମାଳ ମାଳ
ଅସୁର ମୁଣ୍ଡ
ମୁଁ ଛଳନାର ଅସ୍ତ୍ରରେ ବାରମ୍ବାର
କଟା ହେଉଥାଏ,
ତୋ ଭୈରବ ଗର୍ଜନରେ ଦଶଦିଶ ନିଆଁ
ମୋ ପ୍ରତିବାଦରେ ମୁଁ ଉଦଣ୍ଡୀ ;
ସେଥିଲାଗି ତୁ ଚିରକାଳ ଦେବୀ
ମୁଁ ମାଟି ପରି ବଞ୍ଚୁଥିବା
ଦେବୀ ମହାପାତ୍ର।।

ତୋ ମୁହଁ, ଆଳତୀର ଆଲୁଅରେ
ଦପ୍ ଦପ୍,
ରେଖାହୀନ ହାତର ଭାଗ୍ୟକୁ ଦେଖି
ମୋ ମୁହଁ ବଡ ଅସହାୟ ଓ କରୁଣ ।।

ତୁ ଈଶ୍ୱରୀ, ମୁଁ ମାନବୀ
ତୁ ଆଦ୍ୟାଶକ୍ତି, ଛିନ୍ନମସ୍ତା, କାଳୀ
ମୁଁ ଖାଲି ପ୍ରେମ ଜାଣେ ବୋଲି ପତିତା ଓ
ପରିତ୍ୟକ୍ତା ;
ତୁ ମୂର୍ତ୍ତିରୁ ଦେବୀ ପାଲଟୁ ପାଲଟୁ
ଦେବୀତ୍ୱ କାୟାରେ ମହାମାୟା,
ମୁଁ ପଶୁତ୍ୱରେ ଲୁଣ୍ଠିତା ଓ ଜର୍ଜରିତା ।।

ଆ ମା, ଘଣ୍ଟ ଘଣ୍ଟାର ଭୀମନାଦ ଚିରି
ତୁ ମୋ ଦେହରେ ସବାର ହେବାର
ଏଇତ ମାହେନ୍ଦ୍ରବେଳା ।।

\+ ରେଗଡା,ଏମ୍.ରାମପୁର,
କଳାହାଣ୍ଡି
(ମୋ) ୭୭୩୫୪୧୯୫୭୩

## ମା' ଆସିଲେଣି

**ବୈଷ୍ଣବ ମେହେର**

ସୀମାହୀନ ବିହ୍ୱଳ ଶସ୍ୟକ୍ଷେତ
ଦିଗନ୍ତ ବିସ୍ତାରୀ
କାଶତଣ୍ଡିର ଖିଲିଖିଲି ହସ
ମଂତ୍ରମୁଗ୍ଧ ନିର୍ମଳ ଆକାଶ ତଳେ
ମହକିଲାଣି ସ୍ୱାଗତର ଝୁଣାଗନ୍ଧ
ମାଁ' ଆସୁଛନ୍ତି ବୋଲି
ଉଲ୍ଲାସରେ ବାଜିଲାଣି ନହବତର ଧ୍ୱନୀ
ହେଲେ ମା' !
ମେଢ଼ ମଣ୍ଡପର ଯାଦୁକରୀ ମୋହରେ
ଆଦୌ ଭୁଲିଯିବୁ ନାହିଁ
ସମସ୍ତେ ବାଟବଣା ଆଜି
ମାୟାରେ ବାତୁଳ ବୋଲି ,
ନଅ ଦିନର ଉଚ୍ଛୁଳା ଭାବ ପରେ
ଏକଦମ୍ ଭୁଲିଯିବେ ତୋତେ
ନିରାଶ ହେବୁନି ମାଁ'
ବିସର୍ଜନ ପୂର୍ବରୁ ଥରେ ଦେଖି ନେବୁ
ତୋ ଭଳି କେତେ ମାଆ
ଦୁଃଖ ଯାତନାର ଲୁହ ବୋହି
ସହରର ଗଳିକନ୍ଧିରେ
ରାହା ଖୋଜୁଛନ୍ତି...
ବିବର୍ଣ୍ଣ ଆଉ ନିଃସଙ୍ଗ ହୋଇ ।

\+ ସିନାପାଲି,ନୂଆପଡ଼ା

## ତୁମ ଚରଣେ ବନ୍ଦନା ମା'

**କୃଷ୍ଣା ମିଶ୍ର**

ହେ ଦୂର୍ଗା !
ଶୈଳପୁତ୍ରୀ, ବ୍ରହ୍ମଚାରିଣୀ ,
ଚନ୍ଦ୍ରଘଣ୍ଟା, କାଳରାତ୍ରୀ,
କୁଷ୍ମାଣ୍ଡା, ମହାଗୌରୀ,
ସ୍କନ୍ଦମାତା, କାତ୍ୟାୟନୀ ,
ନବ ରୂପେ ନବ ଦୂର୍ଗା,
ବିଜେ କର,
ଉନ୍ମୁକ୍ତ ଏ ଦାସ ର ଦୁଆର ।

ଷୋଳ ଶୃଂଗାରରେ
ତୁମେ ଭୁବନମୋହିନୀ,
ଗଳେ ପାରିଜାତ ମାଳା,
ଅପୂର୍ବ ଶୋଭିନୀ
ଆସ ଧରାବୁକେ
ସିଂହ ପୃଷ୍ଠେ
ବିଜେ କର ।

ସବୁଜିମା ଭରା ଧରଣୀ,
ଅପାର ସୁଖ ସମୃଦ୍ଧି ନେଇ,
ସମ୍ପର୍କରେ ମଧୁରତା,
ଦୂର କରି ଦରିଦ୍ରତା,
ସଂସାରର ଉଜ୍ଜ୍ୱଳତା ନେଇ
ଅବତର ଜନନୀ ଗୋ
ତୁମ ଚରଣେ ବନ୍ଦନା ମାଁ !

ଅଧ୍ୟାପିକା, ଓ ପି ଜିନ୍ଦଲ ବିଦ୍ୟାଳୟ
ରାୟଗଡ଼ ଛତିଶଗଡ
(ମୋ)୯୩୦୧୦୧୨୩୩୩

## ପାର୍ବଣ ଆସିଛି ଧରାକୁ

**ଧ୍ରୁବ ଚରଣ ବେହେରା**

ପୁଣ୍ୟ ପାର୍ବଣର ଭକ୍ତିର ସାଗରେ
ଆସୁଛି ପାର୍ବଣ ଧରା
ମାତା ଦଶଭୂଜା କରୁଣା ବର୍ଷାରେ
ଦୁନିଆଁ ଦିଶଇ ତୋରା ।।

ପୂଜା ମଣ୍ଡପର ଝିଲି ମିଲି ରଙ୍ଗ
ବାଢିବ ଶୋଭା ସମ୍ଭାର
ଆଗମନୀ ମାଆ ଆସିବାର ଜାଣି
କାଶତଣ୍ଡୀ ନାଚେ ଧୀର ।।

ଶୀତଳ ସମୀର ଶୀତଳତା ପାଇ
ନିଜକୁ ହଜାଇ ଦିଏ
ନଈ ପଠା ଧାରେ ବିଲ ହୁଡ଼ାମାଳେ
ମାଆର କବିତା ଗାଏ ।।

ଅଶିଣ ଆକାଶ ନିର୍ମଳତା ନାଇ
ହସଇ ଚାନ୍ଦିନୀ ରାଣୀ
ତାରା ଫୁଲମାଳେ ଜ୍ୟୋତ୍ସ୍ନା ଭିଜା ରାତି
ଖୋଲଇ ପଖଳା ବେଣି ।।

ଶାନ୍ତ ସବୁଜିମା ଗାଉଥାଏ ଗୀତ
ଋତୁ ଛାତି ପରେ ଶୋଇ
ଆହା କି ସୁନ୍ଦର ପାର୍ବଣର ସ୍ୱର
ପରଶେ ମଧୁର ଛଇ ।।

ପ୍ରତିଟି ହୃଦରେ ମାଆ ମାଆ ସ୍ୱର
ଆସୁଛନ୍ତି ମହାମାୟୀ
ପୁଣ୍ୟ ଆଗମନେ କଟି ଯିବ ଦୋଷ
ସନ୍ତାନର ସୁଖ ପାଇଁ ।।

ରୋଗ ଶୋକ ଠାରୁ ଉଦ୍ଧାରିବେ ମାତା
ସନ୍ତାନର ସଦା ହିତେ
ପାର୍ବଣ ସ୍ତୁତିରେ ଉଚ୍ଛୁଳିବ ମହୀ
ପୂଜା ନୈଇବେଦ୍ୟ ସ୍ରୋତେ ।।

ଭକ୍ତ ଲାଗି ମାଆ ଆସନ୍ତି ଓହ୍ଲାଇ
ସଂସାର ର ସୁଖ ନେଇ
ପାର୍ବଣ ଆସିଛି ଧରାକୁ ଲୋ ମିତ
ବିଶ୍ୱ ରକ୍ଷା ମନ୍ତ୍ର ଗାଇ ।।

ବେନି କର ଯୋଡି ଗୁହାରୀ କରିବା
ଆସ ମୋ ସାଙ୍ଗ ସଙ୍ଗାତ
ଆସଲୋ ବଉଳ ଆସୋଲୋ ମିତଣୀ
ପ ?ାଳିବା ପାର୍ବଣ ବ୍ରତ ।।

\+ ଅଠରବାଟିଆ,ବାଲୁଗାଁ,ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## ପାର୍ବଣ କବିତା

**ନିରଞ୍ଜନ ସାହୁ**

ପାର୍ବଣ କବିତା ଲେଖିବା ବେଳରେ
ମନେପଡ ତୁମେ ଅଧିକା
ମୁଁ ସିନା ତୁମର କଳାକାହ୍ନୁ ନୁହେଁ
ତୁମେ କିନ୍ତୁ ମୋର ରାଧିକା ।

କାଗଜ କଲମ ହାତରେ ଧରି ମୁଁ
ନିରୋଳାରେ ଗଲେ ବସି
କବିତାମୟୀ ଗୋ ମୋର ଭାବନାରେ
ଆସ ତୁମେ ହସିହସି
ମୁଁ ଭାବଇ ମୋର ସାରସ୍ୱତ ପୀଠେ
ମୁଁ ସାଧକ ତୁମେ ସାଧିକା ।

ତୁମକୁ ଆଧାର କରି ମୁଁ ରଚଇ
ଅନେକ କବିତାବଳୀ
ସେ କବିତା ପଢି କିଏ ତାଳି ମାରେ
କିଏ ବି ଦିଅଇ ଗାଳି
ଆଶା ମୁଁ କରୁଛି ହେବ ନାହିଁ ତୁମେ
ମୋର ସାଧନାରେ ବାଧିକା ।

\+ ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
(ମୋ) ୯୯୩୮୭୪୧୫୮୩



ପବିତ୍ର ପାର୍ବଣର ପବିତ୍ର
ସକାଳ ଶୁଭ୍ର କିରଣରେ
ଉଦ୍‌ଭାସିତ ହେଉ ଧରା
ଦୂରହେଉ ଶୋକ,
ଦୁଃଖ ଭରିଯାଉ ସବୁରି
ମନରେ ଖୁସିର ପଲକ।



ଏହି ଅବସରରେ ସମସ୍ତଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । କରୋନା ମହାମାରୀ ସମୟରେ ସଚେତନ ରହି ପୂଜା ଉତ୍ସବରେ ସାମିଲ ହୋଇ ନିଜକୁ ଓ ଅନ୍ୟକୁ ସୁରକ୍ଷିତ ରଖନ୍ତୁ।

**ଅଞ୍ଜଳି ପଣ୍ଡା**
କବି ଓ ଗାଳ୍ପିକା, ଚୌଧୁରୀ ସାହି, ବାଲେଶ୍ୱର



ଶାରଦୀୟ ପୂଜା ଅଭିନନ୍ଦନ ଧରାଧାମରେ ମା' ଅବତୀର୍ଣ୍ଣ ହୋଇଛନ୍ତି । ମା'ଙ୍କର କରୁଣା ଓ ଆଶୀର୍ବାଦ ଆମ ସମସ୍ତଙ୍କର ଧ୍ୟେୟ ହେଉ । ମା' ସମସ୍ତ ଜନସାଧାରଣଙ୍କର ଜୀବନ ଯାତ୍ରାରେ କୁସୁମ ବରଷାନ୍ତୁ ଏହାହିଁ ମା'ଙ୍କଠାରେ ଗୁହାରୀ ।

**କୁମୁଦ ରଞ୍ଜନ ଗିରି**
ସମାଜସେବୀ
ବସ୍ତା, ବାଲେଶ୍ୱର





ଶାରଦୀୟ ଦୁର୍ଗୋତ୍ସବ ଉପଲକ୍ଷେ ବାଲେଶ୍ୱର ବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ମା'ଙ୍କ ଆର୍ଶୀବାଦରୁ ବ୍ୟକ୍ତି ଓ ସମାଜରୁ ଅଶାନ୍ତି ଦୂର ହୋଇ, ସୁଖ, ଶାନ୍ତି ଓ ସମୃଦ୍ଧି ସମସ୍ତଙ୍କ ନିକଟରେ ବିରାଜ କରୁ ମା'ଙ୍କ ନିକଟରେ ଏତିକି କାମନା। କରୋନା ମହାମାରୀ ସମୟରେ ସଚେତନ ରହି ପୂଜା ଉତ୍ସବରେ ସାମିଲ ହୁଅନ୍ତୁ, ନିଜକୁ ଓ ଅନ୍ୟକୁ ସୁରକ୍ଷିତ ରଖନ୍ତୁ।

**ଗିରିଜା ଶଙ୍କର ଶର୍ମା**
ବିଶିଷ୍ଟ ସାହିତ୍ୟିକ ଓ ସମାଜସେବୀ, ସମ୍ବଲପୁର



ବାଲେଶ୍ୱର ସମସ୍ତ ଜନସାଧାରଣଙ୍କୁ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବାଲେଶ୍ୱର ବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା, ଅଭିନନ୍ଦନ ଓ ସମସ୍ତଙ୍କ ସୁଖମୟ ଜୀବନ କାମନା କରୁଛି ।

**ପର୍ଶୁରାମ ପରିଡ଼ା**
ଜିଲ୍ଲା ସାଧାରଣ ସମ୍ପାଦକ,
ବିଜେପି, ବାଲେଶ୍ୱର



ପବିତ୍ର ଦୁର୍ଗା ପୂଜାରେ ମୋ ବାଲେଶ୍ୱରବାସୀ ତଥା ସମସ୍ତ ଓଡ଼ିଶାବାସୀଙ୍କୁ ଶାରଦୀୟ ଅଭିନନ୍ଦନ । ଜଗତ୍‌ଜନନୀ ମା' ଦୁର୍ଗା ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ । ଏକ ବିଶେଷ ନିବେଦନ ସମସ୍ତେ ମୁହଁରେ ମାସ୍କ ଲଗାନ୍ତୁ, ସାମାଜିକ ଦୂରତା ରଖନ୍ତୁ, ସାବୁନରେ ହାତ ଧୁଅନ୍ତୁ, କରୋନାକୁ ହରାନ୍ତୁ ।

**ରାଧାକୃଷ୍ଣ ଆଚାର୍ଯ୍ୟ**
ସମାଜସେବୀ, ବାଲେଶ୍ୱର

ପବିତ୍ର ଦୁର୍ଗା ପୂଜାରେ ମୋ ବାଲେଶ୍ୱରବାସୀ ତଥା ସମସ୍ତ ଓଡ଼ିଶାବାସୀଙ୍କୁ ଶାରଦୀୟ ଅଭିନନ୍ଦନ । ଜଗତ୍‌ଜନନୀ ମା' ଦୁର୍ଗା ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରନ୍ତୁ । ଏକ ବିଶେଷ ନିବେଦନ ସମସ୍ତେ ମୁହଁରେ ମାସ୍କ ଲଗାନ୍ତୁ,



ସାମାଜିକ ଦୂରତା ରଖନ୍ତୁ, ସାବୁନରେ ହାତ ଧୁଅନ୍ତୁ, କରୋନାକୁ ହରାନ୍ତୁ ।

**ଶ୍ରୀମତୀ ବସନ୍ତଲତା ପଟ୍ଟନାୟକ**
ଆଇନଜୀବୀ ତଥା ବରିଷ୍ଠ ସମାଜସେବୀ, ବାଲେଶ୍ୱର



ପବିତ୍ର ଦୁର୍ଗୋତ୍ସବ ଓ ଦୀପାବଳୀ ଉପଲକ୍ଷେ ବାଲେଶ୍ୱର ନଗରବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । କରୁଣାମୟୀ ମା' ଦୁର୍ଗାଙ୍କ କୃପାରୁ ଆମ ସମସ୍ତଙ୍କର ଜୀବନ ହେଉ ସୁଖମୟ ଓ ନିରାମୟ ।

**ସୁଜିତ କୁମାର ଦେବ**
ବରିଷ୍ଠ ନେତା, ବିଜେପି

ପବିତ୍ର ଦୁର୍ଗାପୂଜା ଓ ଦଶହରା ଉପଲକ୍ଷେ ଓଡ଼ିଶା ତଥା ବାଲେଶ୍ୱର ବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ସମସ୍ତଙ୍କ ସୁଖମୟ ଦୀର୍ଘ ଜୀବନ କାମନା କରୁଛି ।




**ଗୌରବିଳାସ ମିଶ୍ର**
ବାଲେଶ୍ୱର

ପବିତ୍ର ଦୁର୍ଗାପୂଜା ଓ ଦଶହରା ଉପଲକ୍ଷେ ଓଡ଼ିଶା ଓ ବାଲେଶ୍ୱରର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ମା'ଙ୍କ ନିକଟରେ ସମସ୍ତଙ୍କର ନିରୋଗ ଓ ନିରାମୟ ଜୀବନ କାମନା କରୁଛି ।




**ଧୀରୁ ଜଟାନିଆ,**
ବାଲେଶ୍ୱର





ବାଲେଶ୍ୱରର ସମସ୍ତ ଜନସାଧାରଣଙ୍କୁ ଶାରଦୀୟ ଦୁର୍ଗାପଜା ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସଂଗେ ସଂଗେ ସମସ୍ତେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରିବାକୁ ଅନୁରୋଧ । ମା' ଦୁର୍ଗାଙ୍କଠାରେ ପାର୍ଥନା କରୁଅଛି ଯେ ସମସ୍ତେ ନିରୋଗ, ଶାନ୍ତି ଓ ମୈତ୍ରୀରେ ରୁହନ୍ତୁ ।

**ନାରାୟଣ ପ୍ରଧାନ**
ଅଧ୍ୟକ୍ଷ, ସଦର, ବାଲେଶ୍ୱର




ବାଲେଶ୍ୱରର ସମସ୍ତ ଜନସାଧାରଣଙ୍କୁ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା, ଅଭିନନ୍ଦନ ଓ ସୁଖମୟ ଜୀବନ କାମନା କରୁଛି । କରୋନା ମହାମାରୀ ସମୟରେ ସଚେତନ ରହି ପୂଜା ଉତ୍ସବରେ ସାମିଲ ହୋଇ ନିଜକୁ ଓ ଅନ୍ୟକୁ ସୁରକ୍ଷିତ ରଖନ୍ତୁ।

**ଦୀପକ କୁମାର ରଣା**


## ଭୁବନେଶ୍ୱର ଦିନ ମଜୁରିଆର ମଣିଷ ହାଟ



**ଅରୁଣ କୁମାର ସାହୁ**

ଆସ ଆସ ହାଟରେ ବସିଛି ମୁଁ
କୁଡି କୁଦାଳ ଝୁଡି ଅବା
ଶ୍ରମିକର ଆଉ ସବୁ ସରଞ୍ଜାମ ନେଇ
ମାଂସ ଦିଶୁନଥିବା ମୋର ଶକ୍ତ ହାଡ ସବୁ ବି
ସାମର୍ଥ୍ୟର ସନ୍ତକ ମୋର ଦେଖାଉଛି ଦେଖ
ଆସିଛି ମୁଁ କାମ ପାଇଁ ପରୀକ୍ଷାର୍ଥୀ ହୋଇ।

ମୋର ହାତ ଦେଖ ଜଂଘ ଦେଖ
ମାପିନିଅ କାନ୍ଧର ବଳ ବି
ମାପିବାର ଅନୁମତି ଅଛି ଆପଣଙ୍କୁ
ମାପନ୍ତୁ ମୋତେ ଖ୍ୱନଭିନ୍ କରି
ଆଠ ଘଣ୍ଟା ଝାଳବୃଷ୍ଟି କରିପାରୁଥିବା
ମୋର ସବୁ ବିସ୍ତାରିତ ଲୋମକୂପ ଏବଂ ସବୁ
ଶଙ୍କୁଚିତ ଚର୍ମ ସମ୍ଭାରକୁ।

ମୁଁ ଆସିଛି ମୋତେ ବିକିବା ପାଇଁ
ସକାଳୁ ସକାଳୁ ଲାଗୁଥିବା ଏ ଶ୍ରମିକ ହାଟରେ।
ମୁଁ ବି ସହବନ୍ଦିତ ମୋ ଦଲାଲ ଖାତାରେ
ମୋ ବିକ୍ରି କମିଶନର ମୁଁ
ନିୟମିତ ଦାତା ମୋର ଦଲାଲ ଅଣ୍ଟିର
ଆସ ଆସ ହାଟରେ ବସିଛି ମୁଁ
ସଉଦା ହୋଇ ମାଲ ଗୋଦାମର।

ଫୁଟପାଥ ବରମୁଣ୍ଡା ପ୍ୟାଣ୍ଟରେ ଦେଖ ମୋର
ପୈତୃକ ଦାରିଦ୍ର୍ୟ
ଲୁଚିଯାଇଛି ଆଧୁନିକତାରେ
କୌଶଳ ବିକାଶର ଅଗ୍ରେସର ସାଜି
ନିଜକୁ ବିକିବା ପାଇଁ ସହର ଗଳିରେ
ସଜ ଆଉ ସରଞ୍ଜାମ ଧରି ସବୁ
ବସିଛି ମୁଁ ଠିକା ଏବଂ ନିଲାମରେ ଆଜି।

ବିକ୍ରି ହୋଇ ନପାରିଲେ ଆଜି ଏ ହାଟରେ
ରାତିରେ ମୋ ଚୁଲି ଅନ୍ଧାର ହେବ
ଚାରି ପ୍ରାଣୀ ପେଟ ବି ଅନ୍ଧାର
ପତ୍ନୀ ମୋର କାମବାଲି ଖାଇଥିବ
ଅଇଁଠା କେଉଁଠି ପାଠ ନଥିବା ସ୍କୁଲରେ
ପିଲାମାନେ ଅପେକ୍ଷାରେ ରହି
ଖାଇଥିବେ ସରକାରୀ ପୋକରା ଛତର।

କୋଟି କୋଟି ବିଜ୍ଞାପନ ଓ
ଲକ୍ଷଲକ୍ଷ ଯୋଜନାର ଶିକାର ମୁଁ
ଶିକାରୀ ବୁଲୁଛନ୍ତି ପାଞ୍ଚ ବର୍ଷ ପାଇ
ମୁଁ ବସିଛି ଦଶଟା ଯାଏ ନିଲାମ ମଣ୍ଡିରେ
ବିକ୍ରି ନହେଲେ ଆଜି ସକାଳ ହାଟରେ
ଫେରିଯିବି ଝୁମ୍ପୁଡିକୁ ଅପଚରା ହୋଇ।

ଅଫିସର ସାହୁକାର ଠିକାଦାର ସରକାର
ତୁମେ ଆସି ଦେଖିଯାଅ ପଲିଥିନିର
ଏ ଝୁମ୍ପୁଡି ଘରକୁ
ତୁମେ ବି ବୁଲିଆସ ଜଳିମୁଣ୍ଡା
ସାଲିଆ ସାହିରେ
ବିଶାଳ ବିଶାଳ ମହଲ ଗଢୁଥିବା ଓ
ସାରା ସହରକୁ ପୋଛୁଥିବା ମଣିଷମାନେ
କେମିତି ମଲା ହୋଇ ଶୋଇଛନ୍ତି
ରୋଗ ଜୀବାଣୁର କତରା ଶେଯରେ
କେମିତି ଦୁଃଖମାନଙ୍କୁ ପିଇ ଚାଲିଛନ୍ତି
ତୋରାଣୀ ଚାଉଳି ଓ
ଦେଶୀ ମହୁଲିରେ।

ସ୍ମାର୍ଟ ସହରର ମୁକୁଳା ଛାତିରେ
ମଣିଷ ବିକାକିଣାର ଦୈନିକ ହାଟରେ
ବସୁଥିବା ବାସୀ ଦରବ ମୁଁ
କେବେକେବେ ବିକ୍ରି ହୋଇଯାଏ
ଡେରି ରାତ୍ରିର ଛାଇ ଅନ୍ଧାରରେ
ଆଉ କେବେ ବିକ୍ରି ହୁଏ
ଭୋଳା କେଉଁ ଗ୍ରାହକର ଛାତି ଦରଜରେ।

+ ଡିଜିଏମ୍ (ନାଲକୋ)
୯୪୩୭୧୫୫୬୧୭

## ସତରେ କଣ ମାଆ ସିମୀତ...

**ଅନସୂୟା ପଣ୍ଡା**

ସତରେ କଣ ମାଆ ସିମୀତ
ମାଆ ତ ସିମୀତ ଭିତରେ, ଅସିମୀତ ସତ୍ତାଟିଏ
ସୃଷ୍ଟିରେ ଅନେକ ରୂପରେ ମା ଆସେ,
ମୋ ପରିଧିରେ ଭିନ୍ନ ଭିନ୍ନ ସ୍ୱରୂପରେ
ମୋ ସୁଖର ଉଚ୍ଛ୍ୱାସରେ ଦୁଃଖର ଦୁର୍ଦ୍ଦିନରେ ।
ମୋ ଛଳ ଛଳ ଆଖିର ଲୁହକୁ ପୋଛିବାରେ,
ଓଠରେ ହସକୁ ଲହରାଇବାରେ
ପାର୍ବଣରେ ମାତୃପୂଜନ ହୁଏ, କେବଳ ଯାହା ଧୂମ୍ ଧାମ୍‌ରେ
ରୋଷଣୀରେ, ପଟୁଆରରେ, ପୂର୍ଣ୍ଣକୁମ୍ଭରେ ।
ମା' ଆସେନି ବଡ ବଡ ଗେଟ୍‌ରେ, କି ମୂର୍ତ୍ତିରେ
ଆସେ ମାନବବାଦର ସ୍ପନ୍ଦନରେ,
ଆକୁଳ ନିବେଦନର ଅନ୍ତର୍ଧ୍ୱନୀରେ
ଅଭାବି ପେଟରୁ ଉତଥିତ ଦାବାନଳରେ
ସେ ମା' ନା ସେ ଅନନ୍ୟ ଅନନ୍ତ
ଆଦିଶକ୍ତି, ଆଦ୍ୟଭାଷା, ଆଦ୍ୟମନ୍ତ୍ର ସନ୍ତାନର ।
ସେ ବେଦପାଠ, ଚଣ୍ଡୀପାଠ ହୋମ ଯଜ୍ଞ ଖୋଜେନି
ସେ ସ୍ନେହ ଭରା ମାଦକରେ ରହିପାରେନି
କୋଳେଇ ନିଏ ସନ୍ତାନକୁ
ପଣତରେ ପୋଛି ଦିଏ ସାରା ଦୁଃଖ ଝଡ ଝଞ୍ଜା,
ହାତରେ ସାଉଁଲେଇ ଦିଏ ମୁଣ୍ଡକୁ ଦେହକୁ
ପରିତୃପ୍ତି ଖେଳିଯାଏ ମନରେ ଦେହରେ ।
ଆବେଗରେ କାକର ଭିଜା ସକାଳ ପରି ସନ୍ତୁଷ୍ଟିରେ
ଆଞ୍ଜୁଳାଏ ଫୁଲରେ, ମୁଠାଏ ଅକ୍ଷତରେ,
ଭାକ୍ତିକ ପ୍ରଣିପାତରେ
ମାଆ ଆସେ ଧରା ପୃଷ୍ଟକୁ ଅବତରି ଉଲ୍ଲାସରେ
ସତେରେ କଣ ମାଆ ଆସେ ଘଣ୍ଟ ଘଣ୍ଟା ଢୋଲ,
ତାଳ, ମୃଦଙ୍ଗରେ,
ନା ସୁନା, ରୂପା ମୁକୁଟରେ ।
ସେ ତ ଅନୁଭବର ଭାବ ଧାରାରେ
ଆଞ୍ଜୁଳା ଆଞ୍ଜୁଳା ପବନରେ ,
କାଶତଣ୍ଡିର ଗୁଞ୍ଜରଣରେ, ଭିଜା ମାଟିର ବାସ୍ନାରେ,
ଆଶା ଓ ବିଶ୍ୱାସର ମାନ୍ତ୍ରିକ ବଳୟ ଭିତରେ।

+ଇଞ୍ଜିନିୟରିଂ କଲେଜ, ବୁର୍ଲା, ସମ୍ବଲପୁର,
ଓଡିଶା, ମୋ: ୯୪୩୯୨୧୧୯୭୧

## ଜଗଜ୍ଜନନୀ ମାଆ ଦୁର୍ଗା...

**ତାନଶ୍ରୀ ପାଣିଗ୍ରାହୀ**

ନମନୀୟ କମନୀୟ ସ୍ନିଗଶାନ୍ତ ନିର୍ମଳ ଆକାଶ
ଜ୍ୟୋତ୍ସ୍ନା ବିଧୌତ ରଜନୀରେ କାଶତଣ୍ଡୀର ପ୍ରକାଶ।
ଆସିଅଛି ଧରଣୀ ବକ୍ଷେ ସୌନ୍ଦର୍ଯ୍ୟର ଅଫୁରନ୍ତ ସମ୍ଭାର
ପ୍ରେମର ରାଗିଣୀ ତୋଳେ ମମତାର ଉତ୍ତାଳ ଜୁଆର।
ନୀଳାକାଶେ ଖଣ୍ଡ ଖଣ୍ଡ ଭାସମାନ ମେଘର ଶୁଭ୍ରତା
ଆସିଅଛି ପ୍ରୀତିର ପାର୍ବଣ ନେଇ କେତେ ମଙ୍ଗଳ ବାରତା।
ହୃଦୟର ସ୍ପନ୍ଦିତ ଉଚ୍ଛାସ ପୂର୍ଣ୍ଣତାରେ ଭରିଯାଏ ଧରା
ଅନାବିଳ ସଲିଳରେ ପଦ୍ମ, କଇଁ ଫୁଲ ପ୍ରୀତିର ପସରା।
ଶୋଭନୀୟ ପରିବେଶ ଆଶାୟୀ ଏ ମାନବ ସମାଜ
ସତ୍ୟ-ଶାନ୍ତି-ଦୟା-କ୍ଷମା- ଅହିଂସାର ବୁଣଇ ମୁରୁଜ।
ଆଶୀର୍ବାଦ ସାଥେ ନେଇ ଆସ ତୁମେ ମାଆ ଆଦ୍ୟାଶକ୍ତି
ତୁମ ପଦ ଯୁଗଳରେ ସଦା ଆମ ଭକ୍ତିର ପ୍ରଣତି।
ପ୍ରକମ୍ପିତ ଜଗଜ୍ଜନନୀ ମାଆ ଦଶଭୁଜା ଆବିର୍ଭୂତା
ମୁଖରିତ ଯା' ଦେବୀ ସର୍ବଭୂତେଷୁ ମାତୃ ରୂପେଣ ସଂସ୍ଥିତା।

+ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଲିଆ
ମାର୍ଫତ- ଶିବବ୍ରତ ମହାପାତ୍ର (ଆଡ଼ଭୋକେଟ),
ବାଲେଶ୍ୱର
ମୋ: ୯୩୩୭୩୦୪୨୯୫

## ଯୋତା...

**ଗିରିଜା ଶଙ୍କର ଶର୍ମା**

ପାଦରୁ ଓହ୍ଲେଇ ଯିବାପରେ
ଟିକିଏ ଶାନ୍ତି ଓ ଶୀତଳତାରେ
ମୁଁ ଚଢ଼ିଯାଏ ମୋ ସ୍ଥାନକୁ
ସିଏ ମୋର ନନ୍ଦନ କାନନ।
ମୋ ଜୀବନଟା ଗୋଟେ କୁରୁକ୍ଷେତ୍ର
ଘର୍ମାକ୍ତ କ୍ଷତାକ୍ତ ମୁହୂର୍ତ୍ତ
ମୋ ସାରଥି ପଦ ଯୁଗଳକୁ ଧରି
ମୁଁ ଚାଲିଥାଏ ସର୍ବତ୍ର।
ପଥ କେବେ ମସୃଣ ତ କେବେ ବଂଧୁର
ମୁଁ ଖାଲି ଖୋଜିବୁଲେ ଜୀବନ ଓ ମରଣର
ତ୍ରିଶଙ୍କୁ ସ୍ଥାନଟିଏ
ଯେଉଁଠି ମୁଁ ଗାଇ ପାରିବି
ନିଃସଂକୋଚରେ ଗୋଟିଏ ଏଲିଜି
ଶୁଣେଇପାରିବି ମୋ ପ୍ରାର୍ଥନାର କରୁଣ ସ୍ୱର।
ମୁଁ ଚାଲି ଚାଲି ଥକିଯାଏ
ସକାଳେ, ସଂଧ୍ୟାରେ
ମଧ୍ୟାହ୍ନ, ମଧ୍ୟରାତ୍ରରେ
ମୁଁ ସେସ ପଦ ଯୁଗଳର ଗୋଲାମ
ଆଲ୍ଲାଦିନର ଆଜ୍ଞାକାରୀ ଜିନ୍।
ସବୁବେଳେ ନତମସ୍ତକ
ସବୁବେଳେ ପ୍ରସ୍ତୁତ।
ମୋ ପାଇଁ ସସବୁ ଯାଗା ସମାନ।
ନାଳ, ନର୍ଦ୍ଦମା, କଂଟା ଝଂଟାକୁ ଖାତିର କରେନା
ମୋ ଶରୀରର ରେଣୁ ପରମାଣୁ।
ଘୋରି ହୋଇଯାଏ ତାର ସୁରକ୍ଷାରେ
ଅନ୍ତହୀନ ମୋର ସେବା
ସତେକି କୌଣସି ଅଭିଶପ୍ତ ଗନ୍ଧର୍ବ।
ମୋକ୍ଷ ଆଶାରେ ସାଧନାରତ
ଏ ସବୁ ସତ୍ତ୍ୱେ ବି।



ନା ମୁଁ କେତେ ପ୍ରଶଂସିତ
ନା କେବେ ଚର୍ଚ୍ଚିତ।
ଅନେକ ସ୍ଥାନରେ ମୋର
ପ୍ରବେଶ ନିଷିଦ୍ଧ।
ମୁଁ ନିହାତି ଆବଶ୍ୟକ ଏକ ଘୃଣ୍ୟ ବସ୍ତୁ
ଯାହାର ଆସ୍ଥାନ ଘର ବାହାରେ।
ଦେବାଳୟକୁ ବି ଯାଇ ପାରେନି
ଶୁଣେଇବାକୁ ମୋ ଦୁଃଖର ରାଗିଣୀ।
ତଥାପି ମୁଁ ଆଶାବାଦୀ
ମୋର ଦୁଃଖ ଦୂର ହେବ
ମୋର ଜୀବନର ମରୁଭୂମିରେ
ଓ୍ୱେସିସର ସଂଧାନ ମିଳିବ।

+ବିଶିଷ୍ଟ ସାହିତ୍ୟିକ ଓ
ସମାଜସେବୀ, ସମ୍ବଲପୁର

## ଦୁର୍ଗୋତ୍ସବ : ଶକ୍ତି ଆଖ୍ୟାନ

(ପୃଷ୍ଠା-୪ର ଅବଶିଷ୍ଟ)

ଅନେକ ଦୃଷ୍ଟିରୁ ଏ ଦିବସର ତାତ୍ପର୍ଯ୍ୟ ରହିଛି। ଏହି ଦିବସରେ ପାର୍ବତୀ ନିଜ ପିତ୍ରାଳୟକୁ ଗମନ କରନ୍ତି ଏହିଦିନ ସୋମନାଥ ବ୍ରତ ଆରମ୍ଭ ହୁଏ। ମୋଟ ଉପରେ ଶକ୍ତି ସଂପର୍କୀତ ଅନେକ କିଛି ଏହିଦିନ ହିଁ ହୋଇଥାଏ।

ତେବେ ଯାହା ହେଉ ଏହିପରି ଯୁଗେ ଯୁଗେ ଆସୁରୀକ ଶକ୍ତି ଉପରେ ଏ ଦୈବୀଶକ୍ତିର ଜୟ ଘଟିଛଇ। ଏ ମେଦିନୀ ଯେତେବେଳେ ଦୁଃଖଭାରରେ ଅତିଷ୍ଠ ହୋଇପୂର୍ଣ୍ଣ, ସେତେବେଳେ ସେ ଆଦ୍ୟାଶକ୍ତି ଅରୂପରୁ ରୂପନେଇ ଏବଂ ଅସୀମରୁ ସୀମାକୁ ଆସି ଆମରି ଗହଣରେ ପ୍ରବେଶ କରନ୍ତ । ନିଜେ ଅଥବା କାହାକୁ ଶକ୍ତି ପ୍ରଦାନ କରି ଦସ୍ଯୁ ସଂହରନ୍ତି । କେତେବେଳେ ସେ ପାଳନକୁ ଗଂଗାହୋଇ ଜ୍ରେଷ୍ଠ ଶୁକ୍ଳଦଶମୀରେ ଅବତୀର୍ଣ୍ଣ ହୁଅନ୍ତି ତ, କେତେବେଳେ ଦୁର୍ଗା ହୋଇ ସେ ରକ୍ଷାକର୍ତ୍ତା ସାଜନ୍ତି ଆଶ୍ୱିନ ଶୁକ୍ଳଦଶମୀରେ। ସତରେ ଏ ଆଦ୍ୟାଶକ୍ତିର କରୁଣା ଏବଂ ଗୁଣାବଳୀର ପଟ୍ଟାନ୍ତର ନାହିଁ। ରବିନ୍ଦ୍ର ନାଥ ଟାଗୋରଙ୍କ ଭାଷାରେ :

"ଅରୂପା ତୁମାର୍ ରୂପେର ଲୀଳାୟ
ଜାଗେ ହୃଦୟ ପୁର୍
ଆମାର ମଧ୍ୟେ ତୋମାର ଶୋଭା
ଏମନ୍ ସୁମଧୁର।"

ଏହି ଦିବସଟି ଦୁଃଖ ନିବାରଣ ଏବଂ ଶୁଭାଶୁଭର ଅନୁକୂଳର ଦିବସବୋଲି କ୍ଷତ୍ରୀୟମାନେ ଏହି ଦିବସରେ ସେମାସଙ୍କର ଅସ୍ତ୍ରଶସ୍ତ୍ର ପୂଜା କରନ୍ତି: ପାଟକଜାତିମାନେ ସେମାନଙ୍କର ସାଜ ଏବଂ କରଣମାନେ ସେମାନଙ୍କର ଲେଖନୀ ଏବଂ ଅନ୍ୟମାନେ ସଂରଜାମ ପୂଜା କରି ଶୁଭାନୁକୂଳ କରନ୍ତି।

ସତରେ ମାର କରୁଣା ଅପାର । ଧନ୍ୟ ସେ ମା'। ତା' ପାଦତଳେ କୋଟି କୋଟି ପ୍ରଣାମ।

+ ଅଧ୍ୟକ୍ଷ
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ
(ମୋ)୯୯୩୮୩୪୧୩୮

## କବି ହରନାରାୟଣ ମିଶ୍ରଙ୍କ ଲିଖିତ ପୁସ୍ତକ "ଶୁଭାଭୀପସ୍‌ସା" ଉନ୍ମୋଚିତ



ବାରିପଦା,୧୩/୧୦(ନି.ପ୍ର): କବି ହରନାରାୟଣ ମିଶ୍ରଙ୍କ ଲିଖିତ ପୁସ୍ତକ "ଶୁଭାଭୀପ୍‌ସା" ଉନ୍ମୋଚିତ ହୋଇଯାଇଛି। କବିଙ୍କ ବାସଭବନରେ ଆୟୋଜିତ ଏକ ନିରାଡମ୍ବର ଉତ୍ସବରେ ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅମିତାଭ ମିଶ୍ର, ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ସଭାପତି ଡ.ସରୋଜ କୁମାର ନାୟକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆର୍ଯ୍ୟ, ନନ୍ଦିଘୋଷ ସାହିତ୍ୟ ସମାଜର ସମ୍ପାଦକ ଜଗନ୍ନାଥ ସାହୁ, ପ୍ରକୃତି ବନ୍ଧୁ ବସନ୍ତ କୁମାର ଦତ, ରାଜ୍ୟ ପୁରସ୍କୃତ ଶିକ୍ଷକ ଅଜିତ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିବା ସହ କବିଙ୍କର ମହନୀୟ ଉଦ୍ୟମକୁ ପ୍ରଶଂସା କରିଥିଲେ। କିଶୋର ସାହିତ୍ୟ ଭିତିକ ଏହି ପୁସ୍ତକଟି କବିଙ୍କର ଲେଖନୀର ପଦଯାତ୍ରା ସିରିଜ୍‌ର ସପ୍ତଦଶ ସଙ୍କଳନ। ପୁସ୍ତକଟି ନିଶ୍ଚିତ ଭାବରେ ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ମତପ୍ରକାଶ ପାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ସହିଦଙ୍କୁ ଶେଷ ସମ୍ମାନ : ପାର୍ଥିବ....

ଶୀକାର ହୋଇଥିବା ସହିଦଙ୍କୁ ଶ୍ରଦ୍ଧାଂଜଳୀ ଦେଉଛି ସାରା ଦେଶ । ବୁଧବାର ସହିଦ ଯବାନଙ୍କ ମରଶରୀର ସେମାନଙ୍କ ଜନ୍ମମାଟିରେ ପହଁଚିଥିବାବେଳେ ପରେ ପୁରା ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଜନ୍ମମାଟିରେ ପହଁଚିଛି ସହିଦଙ୍କ ମରଶରୀର । ଏହେଉଛି ସହିଦ ଯବାନ ନାଏବ ସୁବେଦାର ଜଶବିନ୍ଦର ସିଂହଙ୍କ ଗାଁ । ପଂଜାବର କପୁରତାଲା ଜିଲ୍ଲା ତଲୱାଂଡି ଗାଁରେ ତାଙ୍କ ଜନ୍ମ । ସହିଦ ହେବାର ଦୁଇ ଦିନ ପୂର୍ବରୁ ପତ୍ନୀଙ୍କ ସହ କଥା ହୋଇ ହୋଇଥିଲେ ଜଶବିନ୍ଦର ସିଂ । ଖୁବ ଶିଘ୍ର ଘରକୁ ଆସିବାର ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏବେ ତ୍ରୀରଙ୍ଗାରେ ଘୋଡେଇ ହୋଇ ପହଁଚିଛି ଜଶବିନ୍ଦରଙ୍କ ମର ଶରୀର । ବନ୍ଧୁକ ସଲାମି ସହ ସହିଦ ଜଶବିନ୍ଦର ସିଂହଙ୍କୁ ଶ୍ରଦ୍ଧାଂଜଳୀ ଜ୍ଞାପନ କରାଯାଇଛି । ପଂଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂହ ଚନ୍ନି ଏବଂ ପଂଜାବ ବିଧାନସଭା ସ୍ପିକର ରାଣା କେ ପି ସିଂହ ନିଜ କାନ୍ଧରେ ଉଠାଇଛନ୍ତି ସହିଦ ଯବାନଙ୍କ ମୃତଦେହ । ସହିଦଙ୍କ ବଳିଦାନ ଆଗରେ ମୁଣ୍ଡ ନୁଆଇ ଦେଇଛନ୍ତି ରାଜ୍ୟର ମୁଖ୍ୟମନ୍ତ୍ରୀ । ସହିଦ ଯବାନ ସିପୋଏ ଗଜ୍ଜନ ସିଂହଙ୍କ ମୃତ ଦେହକୁ ନିଜ କାନ୍ଧରେ ଉଠାଇଛନ୍ତି । ଗଜ୍ଜନ ସିଂ ଯିଏକି ଗତ ଫେବୃଆରି ମାସରେ ବିବାହ କରିଥିଲେ । ମାତ୍ର ୪ ମାସର ବିବାହ ପରେ ସ୍ୱାମୀକୁ ହରାଇ ଭାଙ୍ଗି ପଡିଛନ୍ତି ଗଜ୍ଜନ ସିଂହଙ୍କ ପତ୍ନୀ । ଜାମ୍ମୁକାଶ୍ମିର ପୁଂଚ ସେକ୍ଟରରେ କରୁିଥିବା ଆତଙ୍କୀ ନିପାତ ପାଇଁ ଚାଲିଥିବା ସର୍ଚ୍ଚ ଅପରେସନ୍ ବେଳେ ଆତଙ୍କବାଦୀ ଗୁଳିର ଶୀକାର ହୋଇ ଜଣେ ଜେସିଓଙ୍କ ସମେତ ୫ ଯବାନ ସହିଦ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩ ଜଣ ପଂଜାବ ରାଜ୍ୟର ହୋଇଥିବାବେଳେ ସହିଦଙ୍କ ପରିବାରକୁ ୫୦ ଲକ୍ଷର ସହାୟତା ରାଶୀ ଘୋଷଣା କରାଯାଇଛି ।

### ମନୀଷ ମୃତ୍ୟୁ ମାମଲାରେ....

ଶେଷ ରାତିରେ ଥିବା ଦୁଇ ସାଙ୍ଗ କନ୍ଧମାଳ ସ୍ପେଶାଲ ସ୍କ୍ୱାର୍ଡ ଆଗରେ ଆତ୍ମସମର୍ପଣ କରିଛନ୍ତି । ସେମାନେ ହେଲେ ଫୁଲବାଣୀ ସହର ପିଥନ ପଡାର ମୃତ୍ୟୁଞ୍ଜୟ ମିଶ୍ର ଓ ଆମଲାପଡାର ଦିନେଶ ମହାପାତ୍ର । ଆତ୍ମସମର୍ପଣ କରିବା ପରେ ମୃତ୍ୟୁଞ୍ଜୟ ଓ ଦିନେଶଙ୍କୁ ପଚରାଉଚରା କରିବାକୁ ଯାଇଥିଲା ଭୁବନେଶ୍ୱର ଇନଫୋସିଟି ଥାନା ପୁଲିସର ଟିମ୍ । ଏବେ ଫୁଲବାଣୀରୁ ଦୁଇ ଯୁବକଙ୍କୁ ଭୁବନେଶ୍ୱର ଆଣି ଅଧିକ ପଚରାଉଚରା କରାଯିବ । ପୂର୍ବରୁ ମନୀଷଙ୍କ ସାଙ୍ଗ ତଥା ସାମ୍ବାଦିକ ହିମାଂଶୁ ବେହେରାଙ୍କୁ ଫୁଲବାଣୀରୁ ଉଠାଇ ଆଣିଥିଲା କମିସନରେଟ ପୁଲିସ । ଏହି ତିନି ଯୁବକଙ୍କୁ ପଚରା ଉଚରା କରି ମନୀଷଙ୍କ ମୃତ୍ୟୁ ରହସ୍ୟ ଭେଦ କରିବାକୁ ଉଦ୍ୟମ କରୁଛି କମିସନରେଟ ପୁଲିସ । ମନୀଷଙ୍କ ମୃତ୍ୟୁ ଶ୍ୱାସ ରୁଦ୍ଧ ଯୋଗୁଁ ହୋଇଥିବା ଶବ ବ୍ୟବଚ୍ଛେଦର ପ୍ରାଥମିକ ରିପୋର୍ଟରୁ ଜଣାପଡିଛି । ରାତି ୪ଟା ୧୧ରୁ ୪ଟା ୧୮ ଭିତରେ ମନୀଷଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଏବେ ଅଘଟଣ ଘଟିଥିବା ରାତିରେ ମନୀଷଙ୍କ ସହ ଥିବା ତିନି ସାଙ୍ଗଙ୍କୁ ପୁଲିସ ଅଟକ ରଖି ମୃତ୍ୟୁର କାରଣ ଖୋଜୁଛି । ଅକ୍ଟୋବର ୧୦ରେ ମନୀଷ ଅନୁରାଗଙ୍କ ମୃତଦେହ ପାତ୍ରପଡା ନିକଟ ପୋଖରୀରୁ ମିଳିଥିଲା । ଅଘଟଣ ଘଟିଥିବା ରାତିରେ ମନୀଷ ସହ ରହିଥିବା ୩ ସାଙ୍ଗକୁ ପୁଲିସ ପଚରା ଉଚରା କରି ପ୍ରକୃତ ସତ ସାମ୍ନାକୁ ଆଣିବ ବୋଲି ଆଶା କରାଯାଉଛି ।

### ଆରୟନଙ୍କୁ ମିଳିଲାନ....

ଆରୟନ୍ ଖାନ୍ ଏବଂ ଅନ୍ୟମାନଙ୍କ ଜାମିନ ଆବେଦନଗୁଡ଼ିକର ଜବାବ ମଧ ଦାଖଲ କରିଥିଲା । ଏନସିବି କହିଥିଲା ଯେ, କିଛି ଅଭିଯୁକ୍ତଙ୍କଠାରୁ ବହୁତ କମ୍ ଡ୍ରଗ୍ସ ମିଳିଛି ଓ କିଛିଙ୍କୁ ଠାରୁ ଡ୍ରଗ୍ସ ମିଳିନାହିଁ । କିନ୍ତୁ ଏହି ଷଡଯନ୍ତ୍ରରେ ଏମାନଙ୍କ ସମ୍ପୃକ୍ତି ରହିଛି । ଯାହାକୁ ତଦନ୍ତ କରାଯାଉଛି । ସେହିପରି ଏନସିବି କହିଥିଲା ଯେ ଅନୁସନ୍ଧାନବେଳେ ମିଳିଥିବା ସାମଗ୍ରୀରୁ ଜଣାପଡିଛି ଯେ ଡ୍ରଗ୍ସ କ୍ରୟ ଏବଂ ବିତରଣରେ ଅଭିଯୁକ୍ତ ଆରୟନ୍ ଖାନଙ୍କର ପ୍ରମୁଖ ଭୂମିକା ରହିଛି। ଏହା ବ୍ୟତୀତ, ଆରୟନ୍, ଅରବାଜ ଖାନଙ୍କଠାରୁ ନିୟମିତ ଡ୍ରଗ୍ସ କିଣୁଥିଲେ । ଶୁକ୍ରବାର ଏନସିବିର ହେପାଜତ ଶେଷ ହେବା ପରେ ଆରୟନ୍ ?ଙ୍କ ଜାମିନ ଆବେଦନକୁ ମୁମ୍ବାଇ କୋର୍ଟ ଖାରଜ କରିଥିଲେ । ଏହା ପରେ ତାଙ୍କୁ ଆର୍ଥର ରୋଡ ଜେଲକୁ ପଠାଯାଇଥିଲା । ଅକ୍ଟୋବର ୧୧ ରେ ଆରୟନ୍‌ଙ୍କ ଓକିଲ ଜାମିନ ଆବେଦନ କରିଥିଲେ ମଧ ଶୁଣାଣି ଅକ୍ଟୋବର ୧୩ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ଆଉ ଆଜି ପୁଣି କୋର୍ଟ ଜାମିନକୁ ନେଇ ଶୁଣାଣି କରିନାହାନ୍ତି ।

### ଲଖିମପୁର ହିଂସା: ରାଷ୍ଟ୍ରପତିଙ୍କୁ .....

ରାଷ୍ଟ୍ରପତିଙ୍କୁ ଭେଟିବା ପରେ ରାହୁଲ ଗାନ୍ଧୀ କହିଛନ୍ତି, ପୀଡ଼ିତ ପରିବାରକୁ ନ୍ୟାୟ ମିଳୁ । ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ମିଳୁ । ଯେ ପର୍ଯ୍ୟନ୍ତ ଅଜୟ ମିଶ୍ର ମନ୍ତ୍ରୀ ଅଛନ୍ତି, ସେ ପର୍ଯ୍ୟନ୍ତ ନିରପେକ୍ଷ ଯାଂଚ ହୋଇପାରିବ ନାହିଁ । ଆଶିଷ ମିଶ୍ରଙ୍କ ବାପା ମନ୍ତ୍ରୀ ଥିବା ପର୍ଯ୍ୟନ୍ତ ନିରପେକ୍ଷ ତଦନ୍ତ କିପରି ହେବ ବୋଲି ସେ ପ୍ରଶ୍ନ କରିଛନ୍ତି । ସେହିପରି କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ମଧ ପୀଡ଼ିତଙ୍କ ପରିବାରକୁ ନ୍ୟାୟ ଓ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି । ସେପଟେ କଂଗ୍ରେସର ଏଭଳି ପଦକ୍ଷେପକୁ ଏକ ନାଟକ ବୋଲି କହିଛି ବିଜେପି । କଂଗ୍ରେସ ଶାସିତ ରାଜ୍ୟରେ ଅନେକ କନ୍ଦଳ ଥାଇ କଂଗ୍ରେସ ଭାରତୀୟ ନାଗରୀକଙ୍କୁ ଉସୁକାଇବା ପାଇଁ ଉତରପ୍ରଦେଶ ହିଂସାକୁ ଗୁରୁତ୍ୱ ଦେଉଛି । ଗତ ୩ ତାରିଖରେ ଲଖୀମପୁର ଖେରୀରେ ହିଂସାକାଣ୍ଡ ଘଟିଥିଲା । ଏଥିରେ ୪ ଜଣ କୃଷକଙ୍କ ସମେତ ୮ ଜଣଙ୍କ ଜୀବନ ଯାଇଛି । ଏହି ଘଟଣାରେ କେନ୍ଦ୍ର ଗୃହରାଜ୍ୟ ମନ୍ତ୍ରୀ ଅଜୟ ମିଶ୍ରଙ୍କ ପୁଅ ଆଶିଷ ମିଶ୍ରଙ୍କୁ ଗିରଫ କରାଯାଇଛି ।

### ପୁଣି ଚିନ୍ତା ବଢାଇଲା କରୋନା....

ନାଁ ଧରୁନି । ପାର୍ବଣ କଟକଣାରେ ବ୍ୟତିକ୍ରମ ହେଲେ ସଂକ୍ରମଣ ବଢିବା ନେଇ ଆଶଙ୍କା ରହିଛି ବୋଲି କହୁଛି ସ୍ୱାସ୍ଥ୍ୟ ବିଭାଗ । ପର୍ବପର୍ବାଣି ଯୋଗୁଁ କଟକ, ଖୋର୍ଦ୍ଧା ଜିଲ୍ଲାକୁ ଅଧିକ ଲୋକ ଆସୁଛନ୍ତି, ତେଣୁ ସଂକ୍ରମଣ ଏଠି ଟିକେ ବଢିଛି । ତୃତୀୟ ଲହର ଆଶଙ୍କା ଭିତରେ ପର୍ବପର୍ବାଣି ସବୁଠୁ ବଡ ଚ୍ୟାଲେଞ୍ଜ । କଟକଣା ରହିଥିଲେ ବି ରାଜ୍ୟରେ ସଂକ୍ରମଣ ବଢିବାର ସମ୍ଭାବନା ରହିଛି ।

## ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାର ୬ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ସ୍ୱତନ୍ତ୍ର ଲଫାଫା ଉନ୍ମୋଚନ କଲେ ଦୁଇ କେନ୍ଦ୍ରମନ୍ତ୍ରୀ




ନୂଆଦିଲ୍ଲୀ/ଭୁବନେଶ୍ୱର,୧୩/୧୦(ନି.ପ୍ର): ଦୀର୍ଘ ୨୦୦ ଏବଂ ୨୫୦ ବର୍ଷ ପୂର୍ବେ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇନଥିବା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଗବେଷଣା କରିବା ପାଇଁ ଭାରତୀୟ ଇତିହାସ ଅନୁସନ୍ଧାନ ପରିଷଦ(ଆଇସିଏଚଆର) ପକ୍ଷରୁ ଉଦ୍ୟମ କରାଯିବ ବୋଲି ନୂଆଦିଲ୍ଲୀରେ ଏକ ବିଶେଷ କାର୍ଯ୍ୟକ୍ରମରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମବୀ ଧର୍ମେନ୍ଦ୍ର ପ୍ରଧାନ। ବୁଧବାର "ଡ଼ାକ ଟିକଟ ସଂଗ୍ରହ ଦିବସ" ଅବସରରେ କେନ୍ଦ୍ରମବୀ ଶ୍ରୀ ପ୍ରଧାନ କେନ୍ଦ୍ର ସଂଚାର ମବୀ ଅଶ୍ୱିନୀ ବୈଶ୍ୟ/୪ବଙ୍କ ସହ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଇତିହାସ ପୃଷ୍ଠାରେ ଅନାଲୋଚିତ ଓଡ଼ିଶାର ୬ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ପ୍ରସ୍ତୁତ ସ୍ୱତବ ଡ଼ାକ ଲଫାପାକୁ ଉନ୍ମୋଚନ କରିଛନ୍ତି। ଏହି ମହାନ ସ୍ୱାଧୀନତା ସଂଗ୍ରାମୀଗଣ ହେଲେ ଶହୀଦ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଚକରା ବିଷୋୟୀ, ଚାଖି ଖୁଂଟିଆ, ଶହୀଦ ବାଜି ରାଉତ ଏବଂ ପାର୍ବତି ଗିରି । ଏହି ଅବସରରେ ଶ୍ରୀ ପ୍ରଧାନ ଉନ୍ମୋଚିତ ହୋଇଯାଇଥିବା ଲଫାପାକୁ କିଣି ବ୍ୟବହାର କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ଏହି ଲଫାପାକୁ କିଣି ସମସ୍ତେ ବ୍ୟବହାର କରିପାରିଲେ ହିଁ ଏହି ମହାପୁରୁଷ ଏବଂ ମହିୟସୀ ମହିଳାଙ୍କୁ ସଠିକ୍ ଶ୍ରଦ୍ଧାଞ୍ଜଳି ଦେଇ ହେବ। ଦେଶ ସ୍ୱାଧୀନତାର ୭୫ତମ ବର୍ଷ ଉପଲକ୍ଷେ ଦେଶବ୍ୟାପୀ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଥିବା ବେଳେ ଅସଂଖ୍ୟ ବୀର ସ୍ୱତବତା ସଂଗ୍ରାମୀ ଏବଂ ଦେଶଭକ୍ତିର ଅକୁହା କାହାଣୀକୁ ଉଜ୍ଜିବୀତ କରିବା ପାଇଁ ଏହି ସ୍ୱତବ ଲଫାପା ଉନ୍ମୋଚନ କରାଯାଇଛି। ଭାରତ ସରକାରଙ୍କ ପକ୍ଷରୁ ଏଭଳି ପ୍ରଚେଷ୍ଟା ପାଇଁ ଶ୍ରୀ ପ୍ରଧାନ ପ୍ରଧାନମବୀ ନରେନ୍ଦ୍ର ମୋଦି, କେନ୍ଦ୍ରମବୀ ଅଶ୍ୱିନୀ ବୈଶ୍ୟ/୪ବ ତଥା ଡ଼ାକ ବିଭାଗ ସହ ଜଡ଼ିତ ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ବ୍ରିଟିଶ ବିରୋଧରେ ମହାନ ଯୋଦ୍ଧା ଜୟୀ ରାଜଗୁରୁଙ୍କ ସଂଗ୍ରାମ, ପାଇକ ବିଦ୍ରୋହରେ ବକ୍ସି ଜଗବନ୍ଧୁଙ୍କ ବଳିଷ୍ଠ ନେତୃତ୍ୱ, ଘୁମୁଷର ପାଇଁ ଆପ୍ରାଣ ଚେଷ୍ଟା କରିଥିବା ଜନଜାତି ଜନନାୟକ ଚକରା ବିଷୋୟୀ, ସିପାହୀ ବିଦ୍ରୋହରେ ଚାଖି ଖୁଂଟିଆଙ୍କ ଭୂମିକା,ଶହୀଦ ବାଜି ରାଉତଙ୍କ ସାହସ ଓ ପାର୍ବତି ଗିରିଙ୍କ ଦେଶସେବାର ଇଚ୍ଛାଶକ୍ତି ସର୍ବଦା ପ୍ରେରଣା ହୋଇ ରହିବ। ଭାରତର ସ୍ୱତବତା ସଂଗ୍ରାମରେ ଓଡ଼ିଶାର ଏହି ବୀର ଯୋଦ୍ଧାଗଣ ଯେଉଁ ତ୍ୟାଗ, ତପସ୍ୟା, ସାହସ ତଥା ବଳିଦାନ ଦେଖାଇଛନ୍ତି, ତାହା ଅବିସ୍ମରଣୀୟ। ମାତ୍ର ସମସ୍ତ ଦେଶଭକ୍ତିପୂର୍ଣ୍ଣ କାର୍ଯ୍ୟ କି ମ୍ବା ନିଃସ୍ୱାର୍ଥ ବଳିଦାନ ଇତିହାସରେ ଲିପିବଦ୍ଧ ହୋଇନାହିଁ। ଆଗାମୀ ଦିନରେ ଓଡ଼ିଶାର ମହାନାୟକଙ୍କ ତ୍ୟାଗ ତଥା ବଳିଦାନକୁ ଶତାବ୍ଦୀ ଶତାବ୍ଦୀ ଧରି ଉଜ୍ଜିବୀତ କରି ରଖିବା ପାଇଁ ଓଡ଼ିଶାର ପୁରାତନ ଇତିହାସ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଗବେଷଣା କରିବା ପାଇଁ ଭାରତୀୟ ଇତିହାସ ଅନୁସନ୍ଧାନ ପରିଷଦ ମାଧ୍ୟମରେ ପ୍ରଚେଷ୍ଟା କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଉଲ୍ଲେଖନୀୟ, ଏହି କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରୁ ଭର୍ଚୁଆଲ ମାଧ୍ୟମରେ କେନ୍ଦ୍ର ଶିକ୍ଷାମବୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରମବୀ ଅଶ୍ୱିନୀ ବୈଶ୍ୟ/୪ବ ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଦାୟାଦ ତଥା ପରିବାର ସଦସ୍ୟଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ । ଜୟୀ ରାଜଗୁରୁଙ୍କ ବଂଶର ଷଷ୍ଠ ପିଢ଼ି ଦୟାନନ୍ଦ ମହାପାତ୍ର ଓ ତ୍ରିଦେବ ନନ୍ଦ, ବକ୍ସି ଜଗବନ୍ଧୁଙ୍କ ଷଷ୍ଠ ପିଢ଼ିର ବଂଶଜ ତଥା ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଚକରା ବିଷୋଇ ସାଂସ୍କୃତିକ ଏକାଡେମୀର ସଭାପତି ଜଗବନ୍ଧୁ ଜେନା, ଚାଖି ଖୁଂଟିଆଙ୍କ ବଂଶର ଚତୁର୍ଥ ପିଢ଼ି ହଜୁରି ଭୀମସେନ ଖୁଂଟିଆ, ସହିଦ ବାଜି ରାଉତଙ୍କ ଦାୟାଦ କୁଳମଣି ରାଉତ, ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଦ୍ୱିତୀୟ ପିଢ଼ିର ଦାୟାଦ ଭରତ କୁମାର ଗିରିଙ୍କ ସହ କେନ୍ଦ୍ରମବୀ କଥା ହୋଇଥିଲେ ।




ବାସୁଦେବପୁର : ଜ୍ଞାନଯୁଗ ପ୍ରକାଶନ ଭବନଠାରେ ଶ୍ରୀ ଅଶୋକ କୁମାର ଆଚାର୍ଯ୍ୟଙ୍କ ପ୍ରଣୀତ ବ୍ୟାସଦେବକୃତ ଭାଗବତ ମହାପୁରାଣ ଓ ମାହାତ୍ମ୍ୟର ଓଡ଼ିଆ ଚଉଦାକ୍ଷରୀ ଗୀତିରୂପ 'ଭାଗବତ ଦର୍ପଣ' ଉନ୍ମୋଚିତ ।

## ମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଲେ କାର୍ଯ୍ୟରତ ସାମ୍ବାଦିକ

ଖଇରା,୧୩/୧୦(ନିପ୍ର) ଶାରଦୀୟ ଦୂର୍ଗାପୂଜା ଅବସରରେ ରେ ଖଇରା ବ୍ଲକର କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ପର୍ଯ୍ୟଟନ,ସଂସ୍କୃତି ଓ ଭାଷା ସାହିତ୍ୟ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରିଥିଲେ । ଜଳସେଚନ ବିଭାଗର ଡାକ ବଂଗଳା ପରିସରରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଯୋଗ ଦେଇ ଯିଏ ଯେଉଁ ପଦ ପଦବୀରେ ଥାଉନା କାହିଁକି ସମସ୍ତେ ସମାଜ କାଲ୍ୟାଣ ପାଇଁ କଲମ ପରିଚାଳନା କଲେ ସମାଜର ଉନ୍ନତି ସହିତ ଜନମଙ୍ଗଳ ହେବ ବୋଲି ପ୍ରକାଶ କରିଥିଲେ । ଆଗାମୀ ଦିନରେ ହଦଗଡ ଠାରୁ କୁପାରୀ ପର୍ଯ୍ୟନ୍ତ ମେଗା ବୃହତ ଜଳ ଯୋଗାଣ ପ୍ରକଳ୍ପ ୫୫କୋଟି ଟଙ୍କା ବିନିଯୋଗ କରି ଜଳ ସମସ୍ୟା ଦୂର କାରାଯିବା ସହିତ ବୁଟିଂ ଓ ଶାରୀଶୁଆ ପାହାଡରେ ପର୍ଯ୍ୟଟନ ସ୍ଥଳୀ କରାଯିବା ନେଇ ମଧ୍ୟ ଆଲୋଚନା କରିଥିଲେ । ବରିଷ୍ଠ ସାମ୍ବାଦିକ ଅନାମ ଚରଣ ପଣ୍ଡା ସାମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅବସରରେ ଉପସ୍ଥିତ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ଉତରୀୟ ଓ ପୁଷ୍ପ ଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ଯୁବକଙ୍କ ଆତ୍ମ ହତ୍ୟା

ଖଇରା,୧୩/୧୦(ନିପ୍ର) ଖଇରା ଥାନା ଅର୍ଜୁନପୁର ଗ୍ରାମର ଗଦାଧର ଦାସଙ୍କ ପୁଅ ଜଗବନ୍ଧୁ ଆର୍ଥିକ ସମସ୍ୟା ନେଇ ମାନସିକ ଭାର ସାମ୍ୟ ହରାଇ ବିଷ ପାନ କରି ଅତ୍ମହତ୍ୟା କରିଛନ୍ତି । ଗଦାଧର ଦାସଙ୍କ ସାନ ପୁଅ କରୋନା ସମୟରେ କାମ ଧନ୍ଦା ନପାଇ ବିଭିନ୍ନ ଘରୋଇ ସସ୍ଥା ଋଣ ଆଣି ଠିକ ସମୟରେ ପରିଶୋଧ କରିପାରି ନଥିଲେ । ଯାହା ଫଳରେକି ମାନସିକ ଭାର ସମ୍ୟ ହରାଇ ବିଷ ପିଇଥିଲେ । ପରିବାର ଲୋକ ତାଙ୍କୁ ଖଇରା ଡାକ୍ତ ଖାନା ନେଇଆସିଥିଲେ ।ସେଠାରେ ଅବସ୍ଥା ଗୁରୁତର ହେବାରୁ ଭଦ୍ରକ ପରେ କଟକ ବଡମେଡିକାଲ ନେଇଥିଲେ । ଚିକିତ୍ସା ହେଉଥିବା ଅବସ୍ଥାରେ ବୁଧବାର ଭୋର ସମୟରେ ମୃତ୍ୟୁ ଘଟିଛି । ମୃତ ଜଗବନ୍ଧୁଙ୍କର ବିଧବା ପତ୍ନୀ ସହିତ ୧ପୁଅ ୧ ଝିଅ ଅଛନ୍ତି । ତାଙ୍କ ମୃତ୍ୟୁରେ ୱାଡ ସଭ୍ୟା ସାବିତା ଦାସ ଶୋକ ପ୍ରକାଶ କରିଥିଲା ବେଳେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ରାତି ଅଧିଆ ପୂଜା ମଣ୍ଡପରେ ଲାଗିଲା ବିଦ୍ୟୁତ୍ ମିଟର : ବଢୁଛି ଜନ ଅସନ୍ତୋଷ

ଜଳେଶ୍ୱର, ୧୩/୧୦(ନିପ୍ର): ପ୍ରତିବର୍ଷପରି ଜଳେଶ୍ୱର ପୁଲିସ୍‌ର ଆହ୍ୱାନକ୍ରମେ ଗତ ୯ ତାରିଖରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନ୍ୟ ସମସ୍ତ ବିଭାଗ ସହିତ ଟାଟା ପାୱାରର ବିଦ୍ୟୁତ୍ ବିଭାଗ ସଂପର୍କରେ ଆଲୋଚନା ହୋଇଥିଲା । ସିଦ୍ଧାନ୍ତ ଅନୁଯାୟୀ ଜଳେଶ୍ୱରର ଥିବା ସମସ୍ତ ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ ପକ୍ଷରୁ ପ୍ରଶାସନିକ ଅନୁମତି ନେବାସହିତ ୧ ହଜାର ଟଙ୍କାର ଦେୟ ପୈଠ କରିବା ପରେ ବିଦ୍ୟୁତ୍ ଯୋଗାଇବାର କୁହାଯାଇଥିଲା । କିନ୍ତୁ ହଠାତ୍ ଟାଟା ପାୱାର ପକ୍ଷରୁ ଗତ ମଂଗଳବାର ସଂଧ୍ୟାରେ କେତେକ କର୍ମଚାରୀ ପ୍ରତ୍ୟେକ ସାର୍ବଜନୀନ ପୂଜା ମଣ୍ଡକ ନିକଟକୁ ଯାଇ ବିଦ୍ୟୁତ୍ ସରବରାହ କାଟି ଏକ ଡିଜିଟାଲ ମିଟର ଲଗାଇଥିଲେ । ଫଳରେ ଦୀର୍ଘ ସମୟଧରି ବିଦ୍ୟୁତ୍ ସରବରାହ ଠପ୍ ହୋଇଥିଲା । ପୂଜା ନିକଟରେ ଶହ ଶହ ଭକ୍ତ ଥିବା ବେଳେ ବିଜୁଳି ନଥିବାରୁ ଲୋକେ ଅନ୍ଧାରରେ ହଇରାଣ ହରକତ ହୋଇଥିଲେ । କେତେକ ସ୍ଥାନରେ ଅସାମାଜିକ କାର୍ଯ୍ୟ ଘଟିଥିବା ଅଭିଯୋଗ ହୋଇଛି । ପ୍ରକାଶଯୋଗ୍ୟ ଶାନ୍ତି କମିଟି ବୈଠକବେଳେ ସେଠାରେ ଉପସ୍ଥିତ ଥିବା ଟାଟା ପାୱାରର କର୍ମକର୍ତ୍ତା ଏପରି ସିଦ୍ଧାନ୍ତ ସଂପର୍କରେ ପ୍ରକାଶ ନ କରି ହଠାତ୍ ମିଟର ଲଗାଇବାକୁ ଲୋକେ ନାପସନ୍ଦ କରିବା ସହ ପ୍ରଶାସନକୁ ଅବଜ୍ଞା କରୁଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି । ସୂଚନାଯୋଗ୍ୟ ଜଳେଶ୍ୱର ଥାନା ଅଧିନରେ ପ୍ରାୟ ୫୧ଟି ପୂଜା ମଣ୍ଡପରେ ପୂଜାର୍ଚ୍ଚନା ହେଉଥିବା ବେଳେ ୩୯ଟି ମଣ୍ଡପ ପ୍ରଶାସନର ଅନୁମତି ନିଆଯାଇଛି । ଏହି ୩୯ଟି ପୂଜା ମଣ୍ଡପରେ ବିଦ୍ୟୁତ୍ ମିଟର ଲାଗିଥିବାରୁ ଚାପା ଉତ୍ତେଜନା ପ୍ରକାଶ ପାଇଛି ।

## ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ




ବାରିପଦା,୧୩/୧୦(ନି.ପ୍ର): ୨୯ତମ ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକଙ୍କ ମାଗଦର୍ଶନରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କର୍ମଶାଳାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ, ଡ. ପ୍ରଶାନ୍ତ କୁମାର ମହାନ୍ତ, ନିତ୍ୟାନନ୍ଦ ବାରିକ ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଛାତ୍ରଛାତ୍ରୀ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ସମ୍ପର୍କରେ ଆଲୋକପାତ କରିଥିଲେ। ଜିଭା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଶ୍ଚର୍ଯ୍ୟ, ଜିଲ୍ଲା ସଂଯୋଜକ ଅଜିତ କୁମାର ଜେନା, ଶୈକ୍ଷିକ ସଂଯୋଜକ ବସନ୍ତ କୁମାର ଦତ, ପ୍ରଧାନ ଶିକ୍ଷକ ନଳୀନ ଚୌଧୁରୀ, ପୂର୍ବତନ ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ, ପ୍ରଧାନ ଶିକ୍ଷକ ଦିଲୀପ ମିଶ୍ର, ପ୍ରିକ୍ଷଣ ଭାବେ ଯୋଗଦେଇ ପ୍ରକଳ୍ପର ନିର୍ମାଣ ଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ବିଜ୍ଞାନ ପରିଦର୍ଶକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୨୦୧୯ ମସିହାରେ ମାଗଦର୍ଶକ କ୍ଷିକ୍ଷକ ଭାବେ ଜାତୀୟ ସ୍ତରରେ ସଫଳତା ହାସଲ କରିଥିବା ଶିକ୍ଷକ ନୟନ କୁମାର ଗିରିଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ତପନ କୁମାର ବାରିକ, ଦୀପକ କୁମାର ରାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ।

## ଜଳେଶ୍ୱର-ଅନୁକୂଳ ମନ୍ଦିର ପୂର୍ତ୍ତବିଭାଗ ରାସ୍ତା ପୂର୍ଣ୍ଣାଙ୍ଗ କେବେ ?

ଜଳେଶ୍ୱର, ୧୩/୧୦(ନିପ୍ର): ଜଳେଶ୍ୱରରୁ ଦାନ୍ତୁନ ଯିବାଲାଗି ପୁରୁଣା ଓଟିରୋଡର ଦୁରାବସ୍ଥା ଅବର୍ଣ୍ଣନୀୟ ଥିବାରୁ ଗତ ୪ବର୍ଷ ତଳେ ଏହାର ନବିକରଣ ଲାଗି ୨ଟି ପର୍ଯ୍ୟାୟରେ ୧୦ କୋଟି ଟଙ୍କା ଅନୁଦାନ ମିଳିଥିଲା । ଏହାର ୨ୟ ପର୍ଯ୍ୟାୟ କାର୍ଯ୍ୟ ଜଳେଶ୍ୱର ପୁରୁଣିଆ ବଜାର ବାସନ୍ତି ପଡିଆଠାରୁ ଅନୁକୂଳ ଚନ୍ଦ୍ର ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନବୀକରଣ କାର୍ଯ୍ୟର ଠିକା ଦିଆଯାଇଥିଲା । ଇତି ମଧ୍ୟରେ ୪ ବର୍ଷ ଅନିବାହିତ ହେଲାଣି, କିନ୍ତୁ ଅଧାପନ୍ତରିଆ ହୋଇ ପଡି ରହିଛି ରାସ୍ତାକାର୍ଯ୍ୟ । ଜଳେଶ୍ୱରରୁ ପଶ୍ଚିମବଂଗ ସୀମା ପର୍ଯ୍ୟନ୍ତ ୪ କି.ମି ରାସ୍ତାର ମରାମତି ଓ ନବିକରଣ ଲାଗି ୧୦ କୋଟି ଟଙ୍କା ମିଳିଥିଲା । ଏହାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହୋଇଥିବା ବେଳେ ୨ୟ ପର୍ଯ୍ୟାୟ କାର୍ଯ୍ୟ ବାସନ୍ତୀ ପଡିଆରୁ-ଅନୁକୂଳ ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ୨ ବର୍ଷ ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିଥିଲା । ରାସ୍ତାର ପ୍ରସସ୍ତିକରଣ ଲାଗି ଗୁରୁତ୍ୱ ଦିଆଯାଇଥିବା ବେଳେ ତାହା ହୋଇନଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି । ଏହି ରାସ୍ତାରେ ଜଳେଶ୍ୱର ବ୍ଲକର ୪ଟି ପଂଚାୟତ ସହିତ ଦାନ୍ତୁନ ଅଂଚଳକୁ ଯାତାୟାତ କରାଯାଇଥାଏ । ଏହି ଆନ୍ତରାଜ୍ୟ ରାଜପଥରେ ବହୁ ଓଜନିଆ ଗାଡି ଓ ଯାତ୍ରୀବାହି ବସ୍ ଚଳାଚଳ କରୁଥିବାରୁ ଦୁରାବସ୍ଥା ବଢିବଢି ଚାଲୁଛି । ବ୍ଲକ ଛକ ନିକଟରେ ଏକ ବଡ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯେ କୌଣସି ବଡ ଦୁର୍ଘଟଣାକୁ ଏଡାଇ ଯାଇନପାରେ । ପୁଣି ରାସ୍ତାକଡରେ କନ୍‌ଭେଣ୍ଟ ସ୍କୁଲ, ଶ୍ରୀମାଶ୍ରୀଅରବିନ୍ଦ ସ୍କୁଲ, ବ୍ଲକ କାର୍ଯ୍ୟାଳୟ, ପବ୍ଲିକ ସ୍କୁଲ, ୨ଟି +୨ ବିଜ୍ଞାନ ମହାବିଦ୍ୟାଳୟ, ସବ୍‌ଜେଲ୍, ପ୍ରାଣିଚିକିତ୍ସାକେନ୍ଦ୍ର, କୃଷି ଓ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ, ବନବିଭାଗ ଓ ଦମକଳ କେନ୍ଦ୍ର, ଉପ ଆରକ୍ଷୀ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟଳୟ ଥିବାରୁ ଏହି ରାସ୍ତାରେ ବହୁଳ ସମାଗମ ହୋଇଥାଏ । ତେଣୁ ଅଧାପନ୍ତରିଆ ହୋଇ ରହିଥିବା ରାସ୍ତାକାର୍ଯ୍ୟକୁ ଶେଷ କରିବାକୁ ସାଧାରଣରେ ଦାବି ହେଉଛି ।

# ରାଜ୍ୟରେ ସରକାରକୁ ଆସିଲେ ସମସ୍ତଙ୍କୁ ମିଳିବ ଚାକିରି : କେଜ୍ରିୱାଲ

ନୂଆଦିଲ୍ଲୀ,୧୩/୧୦: ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ପଞ୍ଜାବରେ ଖେଳିଛନ୍ତି ବଡ କାର୍ଡ । ଯଦି ଚଳିତ ନିର୍ବାଚନରେ ପଞ୍ଜାବରେ ଆପ୍ ସରକାର ଗଠନ କରେ ତେବେ ସେଠାକାର ସମସ୍ତ ଲୋକଙ୍କୁ ଚାକିରି ମିଳିବ ବୋଲି କେଜ୍ରିୱାଲ କହିଛନ୍ତି । ବୁଧବାର ଜଳନ୍ଧରରେ ଅରବିନ୍ଦ କେଜ୍ରିୱାଲ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି , ଯଦି ପଞ୍ଜାବରେ ଆପ୍ ସରକାର ଗଠନ ହୁଏ ତେବେ ରାଜ୍ୟର ପ୍ରତିଟି ଲୋକକୁ ଚାକିରି ମିଳିବ । ଖାଲି ସେତିକି ନୁହେଁ ପଞ୍ଜାବବାସୀଙ୍କ ପ୍ରଶଂସା କରି ସେ କହିଛନ୍ତି, ଏଠାକାର ଲୋକ ବ୍ୟାପାରରେ ସବୁଠୁ ଆଗୁଆ, ପଞ୍ଜାବର କଥା ସାରା ଦୁନିଆରେ ଶୁଣିବାକୁ ମିଳେ । ଜଳନ୍ଧରର ଟାଉନ ହଲରେ ବ୍ୟବସାୟୀ ଓ ଉଦ୍ୟୋଗପତିମାନଙ୍କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେଜ୍ରିୱାଲ କହିଛନ୍ତି, ସେ ପଞ୍ଜାବରେ ବେରୋଜଗାରୀ ଦୂର କରିବାକୁ ଚାହୁଁଛନ୍ତି । ଯେଉଁଥିପାଇଁ ବ୍ୟବସାୟୀ ଓ ଉଦ୍ୟୋଗପତିଙ୍କ ସାହାଯ୍ୟ ତାଙ୍କୁ ଦରକାର । ତେବେ ସରକାରକୁ ଆସିବା ପରେ ସେଠାରେ ସେ ପ୍ରଥମେ ଗୁଣ୍ଡାଙ୍କ ଟ୍ୟାକ୍ସ ଓ ବଟି ଆଦାୟକୁ ବନ୍ଦ କରିବେ ବୋଲି କହିଛନ୍ତି । ତା ସହିତ କେଜ୍ରିୱାଲ କହିଛନ୍ତି, ସେଠାକାର ଇଣ୍ଡଷ୍ଟ୍ରୀରେ ଏବେ ମନ୍ତ୍ରୀମାନେ ପାର୍ଟନର ହୋଇଛନ୍ତି । ଯାହା ଫଳରେ ସେଠାରେ ବ୍ୟବସାୟ ବନ୍ଦ ହେବାକୁ ବସିଲାଣି । ହେଲେ ଆପ୍ ସରକାର ପଞ୍ଜାବରେ ଆସିଲେ ସରକାରଙ୍କ ସାହାଯ୍ୟରେ ବ୍ୟବସାୟୀମାନେ ବ୍ୟାପାର କରିବେ, ଏବଂ ବ୍ୟବସାୟୀମାନଙ୍କର ରୋଜଗାର ବଢିବ । ସୂଚନାଯୋଗ୍ୟ ଯେ, ଆସନ୍ତାବର୍ଷ ପଞ୍ଜାବରେ ବିଧାନସଭା ନିର୍ବାଚନ ଅଛି । ଯେଉଁଠି ସରକାର ଗଠନ ପାଇଁ କଂଗ୍ରେସ କଡା ଉଦ୍ୟମ କରୁଛି । ସେପଟେ ବିଜେପି ମଧ୍ୟ ପଞ୍ଜାବରେ ଫୁଲ ଫୁଟାଇବାକୁ ଜୋରଦାର କସରତ କରୁଛି । ଆଉ ଏହାରି ଭିତରେ ଆମ୍ ଆଦମୀ ପାର୍ଟି ମଧ୍ୟ ଲୋକଙ୍କ ପାଖରେ ପହଞ୍ଚି ଏଥର ବିଧାନସଭାରେ ସରକାର ଗଠନ କରିବାକୁ ଗେମ୍ ପ୍ଲାନ୍ ପ୍ରସ୍ତୁତ କରୁଛି ।

# ଆନ୍ଧ୍ରରେ ଗୁରୁତର ଓଡିଆ ଯୁବକଙ୍କୁ ସହାୟତାର ହାତ ବଢାଇଲେ ସ୍ୱେଚ୍ଛାସେବୀ ସଙ୍ଗଠନ



ବାଲିଆପାଳ,୧୩/୧୦ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁପୁର ପଂଚାୟତ ନୟାବାଲି ଗ୍ରାମର ତ୍ରିଲୋଚନ ଦଳାଇଙ୍କ ପୁଅ ସନ୍ତୋଷ ଦଳାଇ ଆନ୍ଧ୍ରପ୍ରଦେଶରେ ଏକ କାରଖାନାରେ କାର୍ଯ୍ୟ କରୁଥିବା ବେଳେ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ଗୁରୁତର ଅସୁସ୍ଥ ହୋଇଥିଲେ । ସେଠାରେ ତାଙ୍କର ଅପରେସନ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହିଥିଲେ । ତେବେ ସନ୍ତୋଷଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ସହାୟତା ପାଇଁ ପରିବାର ଲୋକେ ଆକୂଳ ନିବେଦନ କରିଥିଲେ। ଏହି ଖବର ପ୍ରକାଶ ହେବା ପରେ ଆଜି ଜଳେଶ୍ୱରର ସ୍ୱେଚ୍ଛାସେବୀ ସଙ୍ଗଠନ ହେଲ୍ପ ଫର ୟୁର ସଭାପତି ମାନସ ରଞ୍ଜନ ଧଳଙ୍କ ନେତୃତ୍ୱରେ ସୌଭାଗ୍ୟ ରଞ୍ଜନ ମଲ୍ଲିକ, ତରୁଣ କୁମାର ନାଥ, ତରଣି କର, ସୌମ୍ୟରଞ୍ଜନ ଘଡାଇ, ପ୍ରିତମ କୁମାର ଦାସ, ଦେବୀଦାସ ପଣ୍ଡା, ମନୋଜ ଜେନା, ତପନ ଦେ, ସୁବ୍ରତ କୁମାର ଜେନା, ତପନ ଧଳ, ପ୍ରମୁଖ ସଦସ୍ୟ ମାନେ ତ୍ରିଲୋଚନଙ୍କ ନୟାବାଲି ସ୍ଥିତ ବାସଭବନରେ ପହଁଚି ପୁଅର ଚିକିତ୍ସା ପାଇଁ ୧୬ ହଜାର ଟଙ୍କାର ଏକ ଚ୍ୟାକ ପ୍ରଦାନ କରିଛନ୍ତି । ଉକ୍ତ ସ୍ୱେଚ୍ଛାସେବୀ ସଙ୍ଗଠନର ଏଭଳି ମହତ କାର୍ଯ୍ୟକୁ ସ୍ଥାନୀୟ ଅଂଚଳରେ ବେଶ ପ୍ରଶଂସା କରାଯାଇଛି ।

# ବିଚ୍ଛିନ୍ନାଂଚଳରେ ଭାଷା ସମସ୍ୟାର ସମାଧାନ ପାଇଁ ଦାବି



ବାରିପଦା,୧୩/୧୦ (ନି.ପ୍ର): ଝାରଖଣ୍ଡ ରାଜ୍ୟ ସରକାରଙ୍କର ବୈମାତୃକ ମନୋଭାବ କୁନେଇ ନୀକଟ ଅତୀତରେ ବିଭିନ୍ନ ପ୍ରସଙ୍ଗ ଦେକାଦେବା ପରେ ଓଡିସା ତଠା ସୀମାନ୍ତ ମୟୂରଭଞ୍ଜ ଜିଲ୍ଲାରେ ବ୍ୟାପକ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଓଡିସାରୁ ଅଲଗା ହୋଇ ବିଭିନ୍ନାଂଚଳ ଭାବରେ ରହିଥିବା ଓଡିଆ ଭାଷାଭାଷି ଷଢେଇକଳା, ଖରଶୁଆଁ, ପୂର୍ବସିଂଭୂମ ଓ ପଶ୍ଚିମସିଂଭୂମ ଅଧିବାସୀଙ୍କ ପାଇଁ ଓଡିଆ ଭାଷାର ପାଠ୍ୟକ୍ରମ ର ବେଶ ଆବଶ୍ୟକତା ରହିଛି । ଓଡିଆ ଭାଷା ଉଚ୍ଛେଦ ପ୍ରସଙ୍ଗ ନେଇ ବିଚ୍ଛିନ୍ନାଂଚଳରେ ଲାଗି ରହିଥିବା ଧାରଣା, ଅନଶନ ସମାବେଶ ଇତ୍ୟାଦି ପାଇଁ ସଂଲଗ୍ନ ଓଡିଶା ରାଜ୍ୟର ମୟୁରଭଞ୍ଜ ଜିଲ୍ଲା ଅଧିବାସୀଙ୍କ ମନରେ ମଧ୍ୟ କ୍ଷୋଭ ଓ ଅଶାନ୍ତି ଦେଖା ଯାଇଅଛି । ତେବେ ଝାଡଖଣ୍ଡ ରାଜ୍ୟରେ ରହିଥିବା ଏହି ଓଡିଆ ଭାଷାଭାଷୀ ଅଂଚଳ ଗୁଡିକରେ ଓଡିଆ ଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ଜିଲ୍ଲାର ଅଗ୍ରଣୀ ବାଷା ସାହିତ୍ୟ ଅନୁଷ୍ଠାନ ଓଡିଆ ଜାଗରଣ ମଂଚ, ମୟୁରଭଞ୍ଜ ସାହିତ୍ୟ ପରିଷଦ, ପ୍ରତିଶୃତି ପ୍ରତିଷ୍ଠାନ, ନନ୍ଦିଘୋଷ ସାହିତ୍ୟ ସମାଜ, ପୂଜ୍ୟପୂଜା, ଉପାନ୍ତ ସାହିତ୍ୟ ସଂସଦ, ଗୋପବନ୍ଧୁ ସାହିତ୍ୟ ପରିଷଦ, ପୋଲିସ ପବ୍ଲିକ ପ୍ରେସ ପ୍ରମୁଖ ବହୁ ଅନୁଷ୍ଠାନ ପକ୍ଷରୁ ଭାଷା ଭିତିକ ସଂଗ୍ରାମ ପାଇଁ ସଂଙ୍କଳ୍ପ ବଦ୍ଧ ହୋଇ ଝାରଖଣ୍ଡ ସରକାରଙ୍କ ମହାମହିମ ରାଜ୍ୟପାଳ, ଗଣଶିକ୍ଷା ବିଭାଗ, ମାନବ ଅଧିକାର ସୁରକ୍ଷା କମିଶନଙ୍କ ନିକଟକୁ ଭାଷାର ସମ୍ମାନ ଓ ଭାରତୀୟ ସମ୍ବିଧାନରେ ଦ୍ୱିତୀୟ ରାଜଭାଷାର ମାନ୍ୟତା ପ୍ରାପ୍ତ ଓଡିଆ ଭାଷା ତଥା ଛାତ୍ର ଛାତ୍ରୀଙ୍କ ପାଠ୍ୟକ୍ରମର ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଦାବୀପତ୍ର ପ୍ରଦାନ କରିଛନ୍ତି । ଏହା ସହିତ ଓଡିଶାର ମହାମହିମ ରାଜ୍ୟପାଳ, ମୁଖ୍ୟ ମନ୍ତ୍ରୀ, ଗଣଶିକ୍ଷା ବିଭାଗ, ଓ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶର ଟୁଡୁଙ୍କୁ ବାଦୀପତ୍ର ପ୍ରଦାନ କରାଯାଇଅଛି । ଯଥାଶିଘ୍ର ଝାରଖଣ୍ଡ ଓ ଓଡିଶା ରାଜ୍ୟ ସରକାରଙ୍କ ମିଳିତ ଆଲୋଚନା ମାଧ୍ୟମରେ ବିଛିନାଂଚଳରେ ଓଡିଆର ଭାଷାର ସୁରକ୍ଷା ସହ ଛାତ୍ରଛାତ୍ରୀଙ୍କୁ ଓଡିଆ ପଢିବା ନିମନ୍ତେ ପାଠ୍ୟକ୍ରମର ସୁରକ୍ଷା ସହ ସମସ୍ତ ସୁବନ୍ଦୋବସ୍ତ କରାନଗଲେ ମୟୁରଭଞ୍ଜ ଅଧିବାସୀଙ୍କ ତରଫରୁ ଏହି ଭାଷା ଆନ୍ଦୋଳନକୁ ବ୍ୟାପକ କରାଯାଇ ଏକ ଗଣ ଆନ୍ଦୋଳନ ରେ ପରିଣତ କରାଯିବା ସହିତ ଶୋଭାଯାତ୍ରା ଓ ଧାରଣା ଆଦି ପ୍ରଦର୍ଶନ କରାଯିବ ବୋଲି ଅନୁଷ୍ଠାନ ସମୂହ ତରଫରୁ ଘୋଷଣା କରାଯାଇଛି । ଏହି ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଓଡିଆ ଜାଗରଣ ମଂଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ ଇଂ ମନୋଜ କୁମାର ଦଳବେହେରା, ପ୍ରତିଶୃତି ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା, ଶିକ୍ଷାବିତ ନରେନ୍ଦ୍ର ମୋହନ ସେନାପତି, ପିତାମ୍ବର ମଲ୍ଲିକ, ଗୋଲକ ଚନ୍ଦ୍ର ମହାନ୍ତି, ସଞ୍ଜିବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡିଶା ହାଇକୋର୍ଟରେ ଆଉ ୩ ନୂଆ ବିଚାରପତି

ଭୁବନେଶ୍ୱର,୧୩/୧୦(ନି.ପ୍ର): ସୁପ୍ରିମକୋର୍ଟ କଲେଜିୟମ ସୁପାରିସ୍ ଆଧାରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆଜି ଓଡ଼ିଶା ହାଇକୋର୍ଟରେ ଆଉ ୩ଜଣ ନୂଆ ବିଚାରପତିଙ୍କୁ ନିଯୁକ୍ତି ଦେଇଛନ୍ତି । ଏହି ୩ଜଣ ନୂଆ ବିଚାରପତି ନିଯୁକ୍ତି ପରେ ଓଡ଼ିଶା ହାଇକୋର୍ଟରେ ମୁଖ୍ୟ ବିଚାରପତିଙ୍କୁ ମିଶାଇ ମୋଟ ୧୭ଜଣ ବିଚାରପତି ହେବେ। ଆଜି କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଆଡଭୋକେଟ୍ ମୃଗାଙ୍କ ଶେଖର ସାହୁ, ଜୁଡିସିଆଲ ଅଫିସର ରାଧାକାନ୍ତ ପଟ୍ଟନାୟକ ଓ ଶଶୀକାନ୍ତ ମିଶ୍ରଙ୍କୁ ସେମାନଙ୍କର ବରିଷ୍ଠତା ଭିତ୍ତିରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି । ସୁପ୍ରିମକୋର୍ଟ କଲେଜିୟମ ଗତ ସେପ୍ଟେମ୍ବର ୨୯ତାରିଖରେ ଓଡ଼ିଶା ହାଇକୋର୍ଟରେ ବିଚାରପତି ପଦବୀ ପାଇଁ ଏହି ବ୍ୟକ୍ତିମାନଙ୍କ ନାମ ସୁପାରିଶ କରିଥିଲେ । ବରିଷ୍ଠ ଓକିଲ ମୃଗାଙ୍କ ଶେଖର ସାହୁ ଏବେ ହାଇକୋର୍ଟରେ ଅତିରିକ୍ତ ସରକାରୀ ଓକିଲ ଭାବେ କାର୍ଯ୍ୟ କରୁଥିବାବେଳେ ଶଶୀକାନ୍ତ ମିଶ୍ର ଏବେ ଗଞ୍ଜାମ ଜିଲ୍ଲା ଜଜ୍ ଭାବେ କାର୍ଯ୍ୟ କରୁଛନ୍ତି ।

# ଗହଣା ଏବଂ ଟଙ୍କା ବ୍ୟାଗ ପାଇ ଫେରାଇଲେ ଯୁବକ



ବାଲିଆପାଳ,୧୩/୧୦ (ନି.ପ୍ର): ରାସ୍ତାରେ ପଡିଥିବା ଏକ ଟଙ୍କା ଏବଂ ସୁନା ଗହଣା ଏବଂ ଜରୁରୀ କାଗଜପତ୍ର ଥିବା ଏକ ବ୍ୟାଗ କୁ ପାଇ ଲୋବର ବଶବର୍ତ୍ତୀ ନହୋଇ ହଜିଥିବା ବ୍ୟକ୍ତିଙ୍କି ଉକ୍ତ ବ୍ୟାଗ ଫେରାଇ ବାଲିଆପାଳ ପଂଚାୟତ ଗୁନାପୁର ଗ୍ରାମର ଯୁବ ସମାଜସେବୀ ହେମନ୍ତ ଦାସ ପ୍ରଶଂସାର ପାତ୍ର ପାଲଟିଛନ୍ତି। ଗତ କାଲି ରାତି ପ୍ରାୟ ୨ଟା ସମୟରେ ହେମନ୍ତ ବାଇକରେ ଘରକୁ ଫେରୁଥିବା ବେଳେ ସ୍ଥାନୀୟ ସିମୁଳିଆ ମାର୍କେଟରୁ ଏକ ବ୍ୟାଗ ପାଇଥିଲେ । ବ୍ୟାଗ ଭିତରେ ସୁନାଗହଣା, କିଛି ଟଙ୍କା, ୭ଟି ଏଟିଏମ କାର୍ଡ, ଗୋଟିଏ ମୋବାଇଲ, ୩ଟି ପାସବୁକ, ୩ଟି ଚ୍ୟାକ ବହି, ଡ୍ରାଇଭିଙ୍ଗ ଲାଇସେନ୍ସ, ଆଧାର କାର୍ଡ ଏବଂ ଜରୁରି କାଗଜ ପତ୍ର ଥିଲା । ବ୍ୟାଗରେ ଥିବା ଆଧାର କାର୍ଡ ଓ ବ୍ୟାଙ୍କ ପାସ ବୁକରୁ ଉକ୍ତ ବ୍ୟାଗଟି ଜାମକୁଣ୍ଡା ପଂଚାୟତ କାଳରୁଇ ଗ୍ରାମର ଜୟନ୍ତ କୁମାର ସାହୁଙ୍କର ବୋଲି ଜାଣିବାକୁ ପାଇଥିଲେ । ହେମନ୍ତ ଜୟନ୍ତଙ୍କୁ ଖବର ଦେଇ ଆଜି ପାରୁଳିଆ ଛକ ସ୍ଥିତ ବିଜେଡି କାର୍ଯ୍ୟାଳୟକୁ ଡାକିଥିଲେ । ଯୁବ ନେତା ଲମ୍ବୋଦର ମାହାନାଙ୍କ ଉପସ୍ଥିତରେ ହେମନ୍ତ ଜୟନ୍ତଙ୍କୁ ଉକ୍ତ ବ୍ୟାଗଟିକୁ ଫେରାଇଥିଲେ । ହେମନ୍ତଙ୍କର ଏଭଳି ମହତ କାର୍ଯ୍ୟ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

# ୨୫ ଦିନ ଧରି ଟ୍ରାନ୍ସଫରମର ପୋଡି : ମିଳୁନି ପିଇବାପାଣି

ଜଳେଶ୍ୱର, ୧୩/୧୦(ନିପ୍ର): ଜଳେଶ୍ୱର ଟାଟା ପାୱାର ଡିଭିଜନ୍ ଅନ୍ତର୍ଗତ ବିଛିନ୍ନାଞ୍ଚଳଭାବେ ପରିଚିତ ରାଇବଣିଆର ଚୁଡାମଣିପୁର ଗ୍ରାମରେ ଥିବା ଟ୍ରାନ୍ସଫରମରଟି ଦୀର୍ଘ ୨୫ ଦିନ ଧରି ପୋଡି ଯାଇଛି । ଫଳରେ ନିକଟସ୍ଥ ଗ୍ରାମବାସୀ ଅନ୍ଧାରରେ କାଳ କାଟୁଥିବା ବେଳେ ସେଠାରୁ ବିଦ୍ୟୁତ୍ ସରବରାହ ଦ୍ୱାରା ଏକ ବିଶୁଦ୍ଧ ପିଇବା ପାଇପ୍‌ପାଣି ପ୍ରକଳ୍ପରୁ ପାଣି ଉତ୍ତୋଳନ ବନ୍ଦ ରହିଛି । ତେଣୁ ସମଗ୍ର ଗ୍ରାମବାସୀ ପିଇବାପାଣିରୁ ବଂଚିତ ହୋଇ ଆସୁଛନ୍ତି । ଏ ସମ୍ପର୍କରେ ସରପଂଚ ଦିଲ୍ଲୀପ କୁମାର ସାମଲ ହାତିଗଡସ୍ଥିତ ଟାଟା ପାୱାର କାର୍ଯ୍ୟାଳୟ, ଜଳେଶ୍ୱରସ୍ଥିତ ସହକାରୀ ମ୍ୟାନେଜର ତଥା ଡିଭିଜନ୍ ମୁଖ୍ୟ ଅଧିକାରୀଙ୍କୁ ଲିଖିତ ଜଣାଇଥିଲେ ମଧ୍ୟ ଅଦ୍ୟାବଧି ମରାମତି କରାଯାଇନାହିଁ । ଆସନ୍ତା ଦିନରେ ଗ୍ରାମବାସୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ସହିତ ଆଇନ୍‌ର ଆଶ୍ରୟ ନେବେବୋଲି ସରପଂଚ ଦିଲ୍ଲିପ ସାମଲ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି ।




## ରାଜଧାନୀରେ ସିଲ୍ ହେଲା ରେଷ୍ଟୁରାଣ୍ଟ

ଭୁବନେଶ୍ୱର,୧୩/୧୦(ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ସିଲ୍ ହେଲା ରେଷ୍ଟୁରା । ନିକୋ ପାର୍କ ନିକଟରେ ଥିବା ନାଇନ୍ଥ ଷ୍ଟ୍ରିଟ୍ ନାମକ ରେଷ୍ଟୁରା କୁ ସିଲ୍ କଲା ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) । ସ୍ଥାନୀୟ ପ୍ରଶାସନ ଠାରୁ ଅନୁମତି ନନେଇ ଦାଣ୍ଡିଆ ନୃତ୍ୟ ଆୟୋଜନ କରିବାକୁ ଯୋଜନା କରୁଥିଲା । ନିକୋ ପାର୍କ ପାଖରେ ରହିଛି ନାଇନ୍ଥ ଷ୍ଟ୍ରିଟ୍ ରେଷ୍ଟୁରା । ଏଠାରେ ଆଜି ଓ ଆସନ୍ତାକାଲି ନବରାତ୍ରୀ ଅବସରରେ ଦାଣ୍ଡିଆ ନୃତ୍ୟ ପରିବେଷଣ ପାଇଁ ଯୋଜନା କରାଯାଇଥିଲା । ଏପରିକି ସୋଶାଲ୍ ମିଡ଼ିଆ ମାଧ୍ୟମରେ ଟିକେଟ ବିକ୍ରି କରାଯାଇଥିଲା । ଯାହାର ମୂଲ୍ୟ ଜଣକା ୬୪୯ ରଖାଯାଇଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ଖବର ପାଇ ବିଏମ୍‌ସି ଏନ୍‌ଫୋର୍ସମେ ସ୍କ୍ୱାର୍ଡ ଉକ୍ତ ରେଷ୍ଟୁରା ରେ ପହଞ୍ଚି ଥିଲା । ତନାଘନା କରିବା ପରେ ଉକ୍ତ ରେଷ୍ଟୁରାଣ୍ଟକୁ ବିଏମ୍‌ସି ସିଲ୍ କରିଛି ।




❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo